



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ବାଲେଶ୍ୱର ■ ସୋମବାର ୧୫ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 15 JANUARY 2024

Vol.No. 35 ■ No.15 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା



website : www.dhwanipratidhwani.net
email: pratidhwani.dhwani@gmail.com




# ଲୋକକଳା ମାଧ୍ୟମରେ ବିକାଶର ବାର୍ତ୍ତା

କେନ୍ଦ୍ରାପଡ଼ା, ୧୪/୧ (ନି.ପ୍ର): ଓଡ଼ିଶାର ପାରମ୍ପରିକ ଲୋକକଳା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଓ ଉନ୍ନୟନମୂଳକ ଯୋଜନାର ବାର୍ତ୍ତା ବାଂଟିବେ ଲୋକକଳାକାର। ଏଥି ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳାର ପ୍ରୟୋଗ ଉପରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ନିଲୁ ମହାପାତ୍ର ପ୍ରଦୀପ ପ୍ରଜ୍ୱୋଳନ କରି ଏହି କର୍ମଶାଳା ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ସନ୍ତୋଷ କୁମାର ସାହୁ। ରାଜ୍ୟ ପର୍ଯ୍ୟବେକ୍ଷକଭାବେ ଆସିଥିବା ଅବସରପ୍ରାପ୍ତ ସହାୟକ ନିର୍ଦ୍ଦେଶକ ଶ୍ରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ କାର୍ଯ୍ୟକ୍ରମ ସମ୍ପର୍କରେ ପୁଙ୍ଖାଂନୁପୁଂଖଭାବେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିବା ସମସ୍ତ ବ୍ଲକ୍‌ର ବିଏସ୍‌ଏସ୍‌ଓ, ସମସ୍ତ ବ୍ଲକ କଳା ସଂସ୍କୃତି ସଂଘର ଉପ-ସଭାପତି, ରାଜ୍ୟସ୍ତରୀୟ ସଂସାଧନ ସଭ୍ୟ ଓ ଜିଲ୍ଲାସ୍ତରୀୟ ସଂସାଧନ ସଭ୍ୟଙ୍କଠାରୁ ମତାମତ ସଂଗ୍ରହ କରିବା ସହ ସେମାନଙ୍କ ମନରେ ଥିବା ଦ୍ୱନ୍ଦ୍ୱ ଦୂର କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସମସ୍ତ ୧୫ଟି ଯୋଜନା ଉପରେ ଏକ ସଂକ୍ଷିପ୍ତ ଉପସ୍ଥାପନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି କାର୍ଯ୍ୟକ୍ରମର ମାର୍ଗଦର୍ଶିକା, କ୍ୟାଲେଣ୍ଡର ପ୍ରସ୍ତୁତି ଓ ଲୋକକଳା ଦଳ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଏହି ଅଭିଯାନରେ ମୋଟ୍ ୧୫ଟି ଯୋଜନା ସାମିଲ ଅଛି। ଯେଉଁଥିରେ ରହିଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନ୍‌ସନ୍ ଯୋଜନା, ମମତା, ମିଶନଶକ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଯୋଜନା, ଫସଲ ବୀମା ଯୋଜନା, ଫସଲ ଋଣ ସୁଧ ରିହାତି, ଆମ ହସ୍ପିଟାଲ, କ୍ରୀଡ଼ା, ଆମ ଓଡ଼ିଶା ନବୀନ ଓଡ଼ିଶା, ଫାଇଭ୍-ଟି ହାଇସ୍କୁଲ୍ ରୂପାନ୍ତରୀକରଣ, ଜନଜାତି ବହୁଳ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଆମ ବ୍ୟାଙ୍କ, ଆମ ଐତିହ୍ୟ, ଲକ୍ଷ୍ମୀ ବସ। ଏହା ପରେ ବ୍ଲକସ୍ତରରେ ଦୁଇଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ହେବ। ଚଳିତମାସ ଶେଷ ସପ୍ତାହରେ ଲୋକ କଳାକାର ମାନେ ପୂର୍ବ ନିର୍ଦ୍ଧାରିତ ସ୍ଥାନମାନଙ୍କରେ ପାରମ୍ପରିକ ଲୋକକଳା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିକାଶ ମୂଳକ ଯୋଜନାର ବାର୍ତ୍ତା ବାଂଟିବେ। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଯୋଗୁଁ ଲୋକକଳା ବଂଚିରହିବା ସହ ଲୋକ କଳାକାର ମାନେ ଜୀବିକା ପାଇପାରିବେ ଏବଂ ଯେଉଁ ଲୋକକଳା ଏ ଜାତିର ଅନ୍ୟତମ ପରିଚୟ, ସେହି ଲୋକକଳାର ଏକ ସମୃଦ୍ଧ ପରମ୍ପରା ଆମ ରାଜ୍ୟରେ ଗଢ଼ିଉଠିବ।

# ବଲାଙ୍ଗୀରରେ ଜଳବାୟୁ ପରିବର୍ତ୍ତନର କରାଳ ରୂପ: ୫ ଦଶନ୍ଧିରେ ୨୭ ପ୍ରାକୃତିକ ବିପର୍ଯ୍ୟୟ




ବଲାଙ୍ଗୀର, ୧୪/୧ (ନି.ପ୍ର): ପ୍ରାୟ ଗୋଟିଏ ଦଶନ୍ଧି ହେଲା ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାରେ ବର୍ଷା କମିଛି। ବାର୍ଷିକ ବୃଷ୍ଟିପାତ ହାର ସବୁ ଜିଲ୍ଲାରେ କ୍ରମଶଃ ଖସିବାରେ ଲାଗିଛି। ବିଗତ ୧୦ ବର୍ଷର ପରିସଂଖ୍ୟାନ ଦେଖିଲେ ସ୍ଥିତି ଉଦ୍‌ବେଗଜନକ ଥିବା ସ୍ପଷ୍ଟ ବାରି ହେଉଛି। ଏହି ଅବଧି ମଧ୍ୟରେ ଅସ୍ୱାଭାବିକ ପାଣିପାଗ, ମୌସୁମି ଗାଏବ୍ ହେବା ଭଳି ଅନେକ ଦୃଷ୍ଟାନ୍ତ ରହିଛି। ବିଭିନ୍ନ ରାସାୟନିକ ବିକିରଣ ସହ ଭୂପୃଷ୍ଠ ଅତ୍ୟଧିକ ଉତ୍ତପ୍ତ ହେବା ଯୋଗୁଁ ବାୟୁମଣ୍ଡଳ ଉପରେ ଏହାର କୁପ୍ରଭାବ ପଡ଼ିଛି। ଫଳରେ ବର୍ଷାଭାବ ଏବଂ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୫୦ବର୍ଷ ମଧ୍ୟରେ ପଶ୍ଚିମ ଓଡ଼ିଶାର ପାଖାପାଖି ୩୦ ପ୍ରତିଶତ ଜଙ୍ଗଲ ନଷ୍ଟ ହୋଇଥିବା ଏକ ବିଦେଶୀ ସଂସ୍ଥାର ସର୍ଭେ ରିପୋର୍ଟ କହୁଛି। ଜଳବାୟୁ ପରିବର୍ତ୍ତନର କରାଳ ରୂପ ବଲାଙ୍ଗୀର ଜିଲ୍ଲାର ପାଣିପାଗକୁ ଦେଖିଲେ ଠଉରାଇ ହେଉଛି। ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ଜିଲ୍ଲାର ସ୍ୱାଭାବିକ ପାଣିପାଗ ବିଗିଡ଼ି ଯାଇଛି। ସରକାରୀ ରିପୋର୍ଟ ଅନୁସାରେ, ୧୯୭୨ରୁ ୨୦୨୩ ମସିହା ମଧ୍ୟରେ ବଲାଙ୍ଗୀର ଜିଲ୍ଲା ୨୭ଟି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି।

ଏହି ଅବଧି ମଧ୍ୟରେ ଜିଲ୍ଲା ସର୍ବାଧିକ ଭାବେ ମରୁଡ଼ିର ସମ୍ମୁଖୀନ ହୋଇଛି। ୫୦ ବର୍ଷରେ ବଲାଙ୍ଗୀର ୧୬ ବର୍ଷ ମରୁଡ଼ିର ଶିକାର ହୋଇଛି। କେବଳ ୨୦୦୦ ରୁ ୨୦୨୩ ମଧ୍ୟରେ ୧୦ ଥର ଜିଲ୍ଲାରେ ମରୁଡ଼ି ପଡ଼ିଛି। ସେହିପରି ପାଞ୍ଚ ଦଶନ୍ଧି ମଧ୍ୟରେ ୧୯୮୨ ମସିହାରେ ଜିଲ୍ଲା ଉଭୟ ବନ୍ୟା ଏବଂ ମରୁଡ଼ି ଦେଖିଛି। ୨୦୧୩ରେ ଫାଇଲିନ୍‌କୁ ମିଶାଇ ୨୦୧୪ ଏବଂ ୨୦୨୧ ମସିହାରେ ସାଙ୍ଘାତିକ ବର୍ଷାର ଶିକାର ହୋଇଛି। ଯଦ୍ୱାରା ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହେବା ସହ ଫସଲହାନି ହୋଇଛି। ସେହିପରି ୨୦୦୬ରୁ ୨୦୨୦ ମସିହା ମଧ୍ୟରେ ବଲାଙ୍ଗୀର ଜିଲ୍ଲା ବନ୍ୟାରେ ବି ଭାସିଛି। ୨୦୦୧ ଏବଂ ୨୦୧୮ ମସିହାରେ ଚାଷରେ ରୋଗପୋକ ଚାଷୀର ମେରୁଦଣ୍ଡ ଦୋହଲାଇ ଦେଇଛି। ଏସବୁ ପରିସଂଖ୍ୟାନ ଦେଖିଲେ, ଜିଲ୍ଲାରେ କିଭଳି ଜଳବାୟୁ ପରିବର୍ତ୍ତନ ସ୍ୱାଭାବିକ ଜୀବନଧାରାକୁ ପ୍ରଭାବିତ କରିଛି, ତାହା ଜଳଜଳ ଦିଶୁଛି। ଜିଲ୍ଲାର ଚାଷବାସ ଗୋଟିଏ ହିସାବରେ କେବଳ ଲଘୁଚାପ ବର୍ଷା ଉପରେ ହିଁ ନିର୍ଭରଶୀଳ। ଖରାଦିନର ଅବଧି ବଢ଼ୁଥିବା ବେଳେ ଶୀତ ଏବଂ ବର୍ଷା ଦିନ ସଂଖ୍ୟା କମୁଛି।

# ଖୋଲିଲା ଆଇଡାକ୍ସ କନସଲଟିଙ୍ଗ ଆଣ୍ଡ ରିସର୍ଚ୍ଚ କେନ୍ଦ୍ର: ଯୁବବର୍ଗଙ୍କୁ ମିଳିବ ନିଯୁକ୍ତି



ଭୁବନେଶ୍ୱର, ୧୪/୧ (ନି.ପ୍ର): ଭୁବନେଶ୍ୱରର ପଟିଆ ଚନ୍ଦକା ଶିକ୍ଷାଞ୍ଚଳ ଅନ୍ତର୍ଗତ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ ନିକଟରେ ଆଇଡାକ୍ସ କନସଲଟିଙ୍ଗ ଆଣ୍ଡ ରିସର୍ଚ୍ଚ କେନ୍ଦ୍ର ଉଦଘାଟିତ ହୋଇଛି। ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ଆଇଟି ଓ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇଥିଲେ। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବର୍ତ୍ତମାନ ଶିକ୍ଷାୟନ ଓ ନିଯୁକ୍ତି କ୍ଷେତ୍ରରେ ଓଡ଼ିଶାରେ ପ୍ରଗତି ରଥ ଆଗେଇ ଚାଲିଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଯୁବପିଢ଼ିଙ୍କ ପାଇଁ ଷ୍ଟାର୍ଟଅପ କମ୍ପାନୀ ନିର୍ମାଣ ଓ ଶିକ୍ଷାୟନ ଦିଗରେ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି। ଏହାର ସଦୁପଯୋଗ କରି ଯୁବକମାନେ ନିଜେ ପ୍ରତିଷ୍ଠା ଲାଭ କରିବା ସହିତ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରି ପାରିବେ। ଆଇଡାକ୍ସ କମ୍ପାନୀ ଯୁବ ବର୍ଗଙ୍କୁ ନିଯୁକ୍ତି ପ୍ରଦାନ କରିବା ସହିତ ପ୍ରେରଣାର ଉତ୍ସ ପାଲଟିବ ବୋଲି ସେ କହିଛନ୍ତି। ସମ୍ମାନୀତ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

ସମସ୍ତଙ୍କ କହିବା କଥା ଯେ ଏଭଳି କମ୍ପାନୀ ନିର୍ମାଣ ଦ୍ୱାରା ଓଡ଼ିଶାର ଯୁବ ବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ହଜାର ହଜାର ଯୁବକ ନିଯୁକ୍ତି ପାଇ ପରିବାର ଭରଣପୋଷଣ କରିପାରିବେ। କମ୍ପାନୀର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଦୀପକ କୁମାର ମଲ୍ଲିକ କହିଥିଲେ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ୧୦୦ ଜଣ ଯୁବକଙ୍କୁ ଆମେ ସିଧାସଳଖ ନିଯୁକ୍ତି ଦେବା ସହିତ ଭେଣ୍ଡର ମାନଙ୍କ ଜରିଆରେ ୫୦୦ରୁ ଅଧିକ ଯୁବକଯୁବତୀ ନିଯୁକ୍ତି ପାଇଛନ୍ତି। ଆଗାମୀ ଦିନରେ ଆମେମାନେ ୧ ହଜାର ଯୁବ ବର୍ଗଙ୍କୁ ସିଧାସଳଖ ନିଯୁକ୍ତି ଦେବା ପାଇଁ ଲକ୍ଷ୍ୟ ରଖିଛୁ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଈଶ୍ୱର୍ମା ପଣ୍ଡା, ପ୍ରକଳ୍ପ ନିର୍ଦ୍ଦେଶକ ଚନ୍ଦନ ପଣ୍ଡା ଓ ବିଶିଷ୍ଟ ଅଧିକାରୀ ଅକ୍ଷୟ କୁମାର ରାଜ, ସରିତା ମିଶ୍ର, କମଳାକାନ୍ତ ମଲ୍ଲିକ, ଜଗନ୍ନାଥ ରଣା, ସୁଶାନ୍ତ ବାରିକ ଓ ଆଶା କୁମାରୀ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ପଂଚମ ସମ୍ଭାଗସ୍ତରୀୟ ଦୁଇ ଦିନିଆ କ୍ରୀଡ଼ା ପ୍ରତିଯୋଗିତା ଉଦ୍ଘାଟିତ

କନ୍ଧମାଳ, ୧୪/୧ (ନି.ପ୍ର): ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୁଲ୍ୟରେ ଶିକ୍ଷା ବିକାଶ ସମିତି ଓଡିଶା ଦକ୍ଷିଣ ପୂର୍ବ ସମ୍ଭାଗର ଖେଳକୁଦ ସମାରୋହ ଫୁଲବାଣୀ ସ୍ଥିତ ପୋଲିସ ରିଜର୍ଭ ପଡିଆ ଠାରେ ଉଦ୍ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଞ୍ଜୟ କୁମାର ପାତ୍ର ଡ଼ି ପି ଇ ଓ, ମୁଖ୍ୟବକ୍ତା ଦକ୍ଷିଣ ପୂର୍ବ ସଂଭାଗ ସମ୍ପାଦକ କିରଣ କୁମାର ପାଢୀ, ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଗଞ୍ଜାମ ବିଭାଗ ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ, ଫୁଲବାଣୀ ବିଭାଗ ନିରୀକ୍ଷକ ପଦ୍ମନାଭ ସାମଲଙ୍କ ସମେତ କ୍ରୀଡା ପରିଚାଳକ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା ଦୁଇ ଦିନ ଧରି ଚାଲିବ । ଏଥିରେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ବିଦ୍ୟାଳୟ ସ୍ତରରେ ପ୍ରଥମ ସ୍ଥାନ ହୋଇଥିବା କ୍ରୀଡାବିତଙ୍କୁ ନେଇ ଆୟୋଜିତ ହେଉଛି । ଏଥିରେ କୃତକାର୍ଯ୍ୟ ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ବିଦ୍ୟାଳୟର ସମ୍ପାଦକ ସୂଚନା ଦେଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ସଭାପତି ବ୍ରଜବନ୍ଧୁ ମଲ୍ଲିକ, ସମ୍ପାଦକ ଟି. ଶିବ ଶଙ୍କର ପାତ୍ର, ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢୀଙ୍କ ସମେତ ସମସ୍ତ ବିଦ୍ୟାଳୟର ଆଚାର୍ଯ୍ୟ ଆଚାର୍ଯ୍ୟା ମାନେ ଉପସ୍ଥିତ ଥିଲେ । ସହ ପ୍ରଧାନ ଆଚାର୍ଯ୍ୟା ବୈଜୟନ୍ତୀ ସାମନ୍ତରାୟ ପରିଚାଳନା କରିଥିବା ବେଳେ ସମ୍ପାଦକ ଶ୍ରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ୧୬୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି ।

# ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

କୋରାଇ, ୧୪/୧ (ନି.ପ୍ର): ପାଣିକୋଇଲିସ୍ଥିତ ବିବୋକନନ୍ଦ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୧ ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଅଛି। ଇତ୍ୟ ଅବସରରେ ବିଦ୍ୟାଳୟର କୁନି କୁନି ପିଲାମାନଙ୍କ ମଧ୍ୟରେ ସ୍ୱାମୀଜୀଙ୍କ ଉପରେ ବକ୍ତୃତା, ନାଚ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗୀତା ମାନ ଆୟୋଜିତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ରବିନାରାୟଣ ପରିଡ଼ା ସମସ୍ତ ଛାତ୍ର ଛାତ୍ରୀମାନଙ୍କୁ ସ୍ୱାମୀଜୀଙ୍କ ଆଦର୍ଶରେ ନିଜକୁ ଗଢି ତୋଳିବାକୁ ପରାମର୍ଶ ଦେବା ସହିତ ଦେଶ ଓ ଜାତିର ସେବା ଉଦ୍ଦେଶ୍ୟରେ ନିଜକୁ ଉତ୍ସର୍ଗ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଲୋପାମୁଦ୍ରା ପାଢୀ, ସୁମିତ୍ରା ପୋଥାଳ, ସ୍ନେହଲତା ରାୟ,ସରସ୍ୱତୀ ସାହୁ କର୍ମଚାରୀ ମୀନାରାଣୀ ସାହୁ ପ୍ରମୂଖ ପରିଚାଳନାରେ ସହଯୋଗ କରିଥିଲେ।

# ମନକରପୁର ପ୍ରାଥମିକ ବିଦ୍ୟାଳୟରେ ଆକସ୍ମିକ ଅଗ୍ନିକାଣ୍ଡ

କେନ୍ଦ୍ରାପଡ଼ା, ୧୪/୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ୮ନଂ ୱାର୍ଡରେ ଥିବା ମନକରପୁର ପ୍ରାଥମିକ ବିଦ୍ୟାଳୟରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ରୋଷେଇ ସାମଗ୍ରୀ ଓ କିଛି ଆସବାବ ପତ୍ର ଜଳି ଯାଇଥିଲେ ମଧ ଅନ୍ୟ କୌଣସି ଦୁର୍ଘଟଣା ଘଟି ନଥିବାରୁ ଆଶ୍ୱସ୍ତି ପ୍ରକାଶ ପାଇଛି । ଶନିବାର ସକାଳୁଆ ସ୍କୁଲ ହେତୁ ମଧାହ୍ନ ଭୋଜନ ପାଇଁ ରୋଷେଇ ଚାଲିଥିଲା। ତେବେ କୌଣସି ମତେ ଗ୍ୟାସ ଚୁଲାରୁ ନିଆଁ ବର୍ଣ୍ଣରକୁ ଧରିବା ପରେ ସିଲିଣ୍ଡର ଜଳି ଉଠିଥିଲା। ସ୍କୁଲର ଶିକ୍ଷୟିତ୍ରୀ ମାନେ ପିଲାମାନଙ୍କୁ ତୁରନ୍ତ ସ୍କୁଲରୁ ବାହାର କରି ଦୂରକୁ ପଠାଇବା ସହ ନିଆଁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ ମଧ ନିଆଁ ଲିଭି ନଥିଲା । ସ୍ଥାନୀୟ ଲୋକେ ଦମକଳ ବାହିନୀକୁ ଖବର ଦେବାପରେ ସେମାନେ ଆସି ନିଆଁକୁ ଆୟତ କରିଥିଲେ । ଏହି ଅଗ୍ନିକାଣ୍ଡରେ ରୋଷେଇ ସାମଗ୍ରୀ ସହ ଆଲ୍ପ କିଛି ଆସବାବ ଜଳିଥିବା ବେଳେ ଅନ୍ୟ କୌଣସି ବଡ ଧରଣର କ୍ଷୟକ୍ଷତି ହୋଇ ନାହିଁ । ତେବେ ସ୍ଥାନୀୟ କାଉନସିଲର ସ୍ମୃତି ପ୍ରଜ୍ଞା ଶତପଥୀ ଓ ଯୁବନେତା ଜୟନ୍ତ ଶତପଥୀ ଘଟଣା ସ୍ଥଳରେ ପହଂଚି କ୍ଷୟକ୍ଷତି ଆକଳନ କରିବା ସହ ତୁରନ୍ତ ଭରଣା କରାଯିବ ବୋଲି ପ୍ରତିଶୃତି ଦେଇଥିଲେ।

# ଭବାନୀପାଟଣା ବ୍ଲକରେ କଳାହାଣ୍ଡି ଉତ୍ସବ ଘୁମୁରା ଅନୁଷ୍ଠିତ

ଭବାନୀପାଟଣା, ୧୪/୧ (ନି.ପ୍ର): ଆଜି ଶୁଭ ମୁହୂର୍ତରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ପରିସରରେ କଳାହାଣ୍ଡି ଉତ୍ସବ ଘୁମୁରା -୨୦୨୪ ପାଳନ କରାଯାଉଛି। ଏହି ଅବସରରେ ପ୍ରଥମେ ମା ମାଣିକେଶ୍ୱରୀଙ୍କ ଠାରୁ ମଶାଲ ଯାତ୍ରା କରାଯାଇଥିଲା। ମଶାଲ ଯାତ୍ରାରେ ବ୍ଲକ ଅଧକ୍ଷ ମଶାଲ ଧରି ବିଭିନ୍ନ ବଜା, ବାଦ୍ୟ ନାଚ ଗୀତରେ ସୁନ୍ଦର ଭାବ ରେ ମଶାଲ କୁ ବ୍ଲକ କଳାହାଣ୍ଡି ଉତ୍ସବରେ ସ୍ଥାପନା କରାଯାଇଛି। ଏହି ମଶାଲ ଯାତ୍ରାରେ ବି ଡି ଓ ଶ୍ରୀମତୀ ପ୍ରିତା କୁମାର, ଜିଲ୍ଲା ପରିଷଦ ସଭ୍ୟ ହୃଦାନନ୍ଦ ସାହୁ, ଦୟାନିଧି ନାଏକଙ୍କ ସମେତ ସରପଂଚ, ସମିତି ସଭ୍ୟ, ମିଶନ ଶକ୍ତି ମହିଳା ମାନେ, ଶିଶୁ ବିକାଶ ଯୋଜନା ଅଧିକାରୀ, ସୁପର ଭାଇଜର, ବିଭିନ୍ନ ଗ୍ରାମର ଘୁମୁରା ଦଳ, ବାଜା ଦଳ ବ୍ଲକ ର ସମସ୍ତ କର୍ମକର୍ତା ଉପସ୍ଥିତ ହୋଇ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୪କୁ ପାଳନ ଅବସରରେ ଅତିଥି ମାନଙ୍କ ମଧ୍ୟରୁ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ଉପସ୍ଥିତ ଥିଲେ। ବ୍ଲକ ଅଧକ୍ଷଙ୍କ ବାର୍ତାରେ ପ୍ରକାଶ ଯେ, କଳାହାଣ୍ଡି ଉତ୍ସବ ଘୁମୁରା ପାଳନରେ ଜିଲ୍ଲାରେ ଏକ ଭାଇଚାରାର ଗୁରୁତ୍ୱ ସହ ଗ୍ରାମାଚଂଳରୁ ସହରାଚଂଳର ଲୁଚି ଯାଉଥିବା ବିଭିନ୍ନ କଳା, ସଂସ୍କୃତି, ପରମ୍ପରା ସ୍ମୃତି ଇତ୍ୟାଦିକୁ ଲୋକଲୋଚନକୁ ଅଣାଯାଉଛି। ଯାହାଫଳରେ ପଲ୍ଲୀରୁ ଦିଲ୍ଲୀ ଜାଣି ପାରୁଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଂଚାୟତରୁ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବର୍ଗ, ଛାତ୍ରଛାତ୍ରୀ, କଳାକାରଙ୍କୁ ସମ୍ମାନିତ କରିବାର ବ୍ୟବସ୍ଥା ରହିଛି।

# କେନ୍ଦ୍ରାପଡା ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗର ଆଲୋଚନାଚକ୍ର

କେନ୍ଦ୍ରାପଡ଼ା, ୧୪/୧ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗ ପକ୍ଷରୁ "କର୍ତବ୍ୟ ଓ ସାଧୁତା" ଉପରେ ଏକ ଦିବସୀୟ ଆଲୋଚନା ଚକ୍ର ବିଭାଗୀୟ ସେମିନାର ହଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଦର୍ଶନଶାସ୍ତ୍ର ବିଭାଗୀୟ ମୁଖ୍ୟ ପ୍ରାଧାପକ ସତ୍ୟରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧାପକ ବିଶ୍ୱରଞ୍ଜନ ପୁହାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ଆସୋସିଏଟ ପ୍ରଫେସର ଡ. ସରୋଜକାନ୍ତ କର ଯୋଗଦେଇ ଜଣେ ଛାତ୍ରର କର୍ତବ୍ୟ ଓ ଦାୟୀତ୍ୱ କ'ଣ ରହିବା ଉଚିତ, ଦାୟୀତ୍ୱ, କର୍ତବ୍ୟ ଏବଂ ସାଧୁତା ମଧ୍ୟରେ କି ପ୍ରକାର ସମ୍ପର୍କ ରହିବା ଉଚିତ, କର୍ତବ୍ୟ ଓ ସାଧୁତା ପରସ୍ପର ପରିପୂରକ, ଛାତ୍ର ଜୀବନର ମୌଳିକ କର୍ତବ୍ୟ କ'ଣ ହେବା ଆବଶ୍ୟକ, ଜଣେ ଛାତ୍ରର କି କି ଗୁଣ ରହିବା ଉଚିତ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ଶୀମଦ୍ ଭଗବତ ଗୀତା ଅନୁଯାୟୀ ଆମର ଧର୍ମ ଏବଂ ସଦଗୁଣ କ'ଣ ହେବା ଆବଶ୍ୟକ ସେ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ। ଏହାପରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତର ପ୍ରଦାନ କରିଥିଲେ ଡ. କର। ଶେଷରେ ଦର୍ଶନଶାସ୍ତ୍ର ବିଭାଗର ଅଧାପକ ଅଚ୍ୟୁତାନନ୍ଦ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୂଲେଖରେ ଦିଶୁନି ହାତୀବାରି ଗାଁ: କିସମ ପରିବର୍ତ୍ତନ ପାଇଁ ଦାବି

ଜୟପୁର, ୧୪/୧ (ନି.ପ୍ର): ଭୂଲେଖରେ ଦିଶୁନି ଜୟପୁର ବ୍ଲକର ଉମୁରୀ ପଞ୍ଚାୟତର ହାତୀବାରି ଗାଁ। କାରଣ ଗ୍ରାମବାସୀ ଶହେ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ପେନାଙ୍ଗୀ 'ଖ' ସଂରକ୍ଷିତ ଜଙ୍ଗଲ ଓ ରାଜସ୍ୱ ଜମିରେ ଘର ନିର୍ମାଣ କରି ରହି ଆସୁଛନ୍ତି। ଫଳ ସ୍ୱରୂପ ଗ୍ରାମବାସୀ ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇ ପାରୁନାହାନ୍ତି। ଗାଁଟି ଜୟପୁର ସହର ଓ ତହସିଲ ଠାରୁ ମାତ୍ର ୩କିଲୋ ମିଟର ପରିଧି ମଧ୍ୟରେ ରହିଛି । ଗ୍ରାମବାସୀ ମାନେ ଗାଁର କିସମକୁ ପରିବର୍ତ୍ତନ କରିବା ପାଇଁ ବାରମ୍ବାର ଦାବି କରିବା ସତ୍ୱେ ପ୍ରଶାସନ ଏହାକୁ କର୍ଣ୍ଣପାତ କରୁନି। ଅପରପକ୍ଷରେ କେତେବେଳେ ଯେ ବନବିଭାଗ କିମ୍ବା ରାଜସ୍ୱ ବିଭାଗ ଏମାନଙ୍କୁ ଏଠାରେ ଉଠାଇ ଦେବେ କି ଏହି ଭୟରେ ଏମାନଙ୍କ ଦିନ କଟୁଛି। ସୂଚନାଅନୁଯାୟୀ, ସହର ଠାରୁ ମାତ୍ର ୩ କିଲୋମିଟର ମଧ୍ୟରେ ରହିଥିବା ଜୟପୁର ବ୍ଲକର ଉମୁରୀପଂଚାୟତର ହାତୀବାରି ଗାଁକୁ ଯିବା ପାଇଁ ଭଲ ରାସ୍ତା ଖଣ୍ଡିକ ନାହିଁ। ଏହି ଗାଁରେ ୩୦ରୁ ଉର୍ଦ୍ଧ୍ୱ ଘର ରହିଥିବା ବେଳେ ଦୁଇ ଶହରୁ ଉର୍ଦ୍ଧ୍ୱ ଲୋକେ ବସବାସ କରୁଛନ୍ତି। ଗ୍ରାମବାସୀଙ୍କର ନିଜର ବୋଲି ଜମି ଖଣ୍ଡିକ ନଥିବା ବେଳେ ଏମାନେ ଦିନ ମଜୁରିଆ, ଇଟା ତିଆରି ଆଦି କାମ କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି।

# ରାଉରକେଲା ଇସ୍ପାତ କାରଖାନା ଆନୁକୁଲ୍ୟରେ ମୁକ୍ତ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ



ରାଉରକେଲା, ୧୪/୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା ର କ୍ରିଡ଼ା ବିଭାଗ ଦ୍ୱାରା ଆୟୋଜିତ ରାଉରକେଲା ଓପନ୍ ସ୍କୁଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ଜାନୁଆରୀ ୯ ତାରିଖ ଦିନ ଇସ୍ପାତ ଷ୍ଟାଡିୟମରେ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମଟିକୁ ସହର ପ୍ରଶାସନ ଓ କୋର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ପି କେ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ଏହି ଅବସରରେ ସହର ସେବା ବିଭାଗର ଭାର ପ୍ରାପ୍ତ ମହାପ୍ରବନ୍ଧକ ଶ୍ରୀ ପି କେ ଦାସ, ପିଏଚ,କ୍ରୀଡା, ବିମାନବନ୍ଦର ଏବଂ ଏସ ଡବ୍ଲ୍ୟୁ ବିଭାଗର ମହାପ୍ରବନ୍ଧକ ଶ୍ରୀ ଆର କେ ବର୍ମା ତଥା କାରଖାନାର ଅନ୍ୟ ଅଧିକାରୀ, କୋଚ୍ ଏବଂ ମ୍ୟାଚ୍ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁ ଏହି ଟୁର୍ନାମେଣ୍ଟ ର ଶୁଭାରମ୍ଭ କରିଥିଲେ। ପରେ ଅତିଥିମାନଙ୍କୁ ଖେଳାଳିଙ୍କ ସହିତ ପରିଚିତ କରାଯାଇଥିଲା । ମାନ୍ୟଗଣ୍ୟ ବ୍ୟକ୍ତିମାନେ ସେମାନଙ୍କ ଭାଷଣରେ ଯୁବ ପ୍ରତିଭାମାନଙ୍କୁ ଟୁର୍ନାମେଣ୍ଟରେ ସେମାନଙ୍କର ସର୍ବୋତ୍ତମ ଦକ୍ଷତା ଏବଂ ଉତ୍କର୍ଷତା ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ଟୁର୍ଣ୍ଣାମେଣ୍ଟରେ ୮ ଟି ସିନିୟର ଏବଂ ୭ ଟି ଜୁନିଅର ବାଳକ ଦଳ ଅଂଶଗ୍ରହଣ କରିଥିଲେ। । ବିସିସିଆଇ ର ନିୟମ ଅନୁଯାୟୀ ମ୍ୟାଚ୍ ଗୁଡିକ ଟି -୨୦ ଫର୍ମାଟରେ ଖେଳାଯିବ । ଉକ୍ତ ଟୁର୍ଣ୍ଣାମେଣ୍ଟର ଅନ୍ତିମ ମ୍ୟାଚ୍ ଜାନୁଆରୀ ୧୬ ତାରିଖ ଦିନ ଖେଳାଯିବ । ଏହି କାର୍ଯ୍ୟକ୍ରମଟିକୁ କ୍ରିଡା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ଆର ଏନ ପାଢୀ ସ୍ୱାଗତ କରିବା ସହିତ ସଂଯୋଜନା କରିଥିଲେ।

# ପ୍ରେମି ଯୁଗଳଙ୍କ ଆତ୍ମହତ୍ୟା: କାରଣ ଅସ୍ପଷ୍ଟ, ଥାନାରେ ଏତଲା

ଜୟପୁର, ୧୪/୧ (ନି.ପ୍ର): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକରେ ଘଟିଛି ଏକ ଅଭାବନୀୟ ଦୁଃଖଦ ଘଟଣା। ଗୋଟିଏ ଚୂନିରେ ଆତ୍ମହତ୍ୟା କରିଛନ୍ତି ପ୍ରେମୀ ଯୁଗଳ। ଦୁଇ ବର୍ଷ ହେଲା ପରସ୍ପରକୁ ଭଲ ପାଉଥିଲେ ପ୍ରେମି ଯୁଗଳ। ଏବଂ ସ୍ୱାମୀ ସ୍ତ୍ରୀ ହୋଇ ଘର ସଂସାର କରି ଜୀବନ ଯାପନ କରିବା ଲାଗି ନିଷ୍ପତି ନେଇଥିଲେ। ହେଲେ ଏମିତି କ'ଣ ହେଲା ଯେ, ମୃତ୍ୟୁର ବାଟ ବାଛି ନେଲେ। କୌଣସି କାରଣରୁ ଗାଁ ମୁଣ୍ଡରେ ଥିବା ଏକ ତେନ୍ତୁଳି ଗଛ ଡ଼ାଳରେ, ଗୋଟିଏ ଚୂନିରେ ପ୍ରେମୀ ଯୁଗଳ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚଣାବାଡ ପଂଚାୟତ ଅଧିନସ୍ଥ ଯୋଡିପାଇ ଗାଁ ରେ। ମୃତ ପ୍ରେମି ଯୁଗଳ ହେଲେ, ମହିନ୍ଦ୍ର ହିକକା ୨୫ ଏବଂ ପ୍ରେମିକା ଯୁବନ୍ତି ମୁସ୍କା ( ୨୨ ) । ଏମାନଙ୍କ ମୃତ୍ୟୁ ପରେ ଗାଁ ରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି।

ସୂଚନା ମୁତାବକ, ଘଟଣାକୁ ନେଇ ଆଜି ପୂର୍ବାହ୍ନରେ ମୃତ ଯୁବକର ବାପା ମଧୁ ହିକକା ଦଶମନ୍ତପୁର ପୋଲିସ ଥାନାରେ ଏତଲା ଦେଇଛନ୍ତି।

# ଧର୍ମଶାଳା ଅଂଚଳରୁ ଦୁର୍ଦ୍ଧାନ୍ତ ଡକାୟତ ଗିରଫ : ଦେଶୀ ବନ୍ଧୁକ, ଜୀବନ୍ତ ଗୁଳି ଓ ବିଭିନ୍ନ ମାରଣାସ୍ତ୍ର ଜବତ

ଧର୍ମଶାଳା, ୧୪/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ପୋଲିସକୁ ବଡ ସଫଳତା ମିଳିଛି । ଜଣେ ଦୁର୍ଦ୍ଧାନ୍ତ ଡକାୟତକୁ ଗିରଫ କରିବା ସହିତ ଏକ ଦେଶୀ ବନ୍ଧୁକ, ଜୀବନ୍ତ ଗୁଳି ସହ ପଲସର ବାଇକ୍, କଟର, ଛୁରୀ ଓ ମୋବାଇଲ ଏବଂ ଡକାୟତିରେ ବ୍ୟବହୃତ ଅନେକ ମାରଣାସ୍ତ୍ରକୁ ଜବତ କରିଛି । ଗିରଫ ଯୁବକ ଜଣକ ହେଲେ ଗଞ୍ଜାମ ଜିଲା ବୁଗୁଡା ଥାନା ଅଂଚଳର ତୋଫାନ ବିଷୋଇ ବୋଲି ଜଣାପଡିଛି । ଏହି ଡକାୟତ ଜଣକ ଏଟିଏମ୍ ଲୁଟ କରିବା ସହ ରାଜରାସ୍ତାରେ ଲୁଟରେ ସମ୍ପୃକ୍ତ ଥିବା ପୋଲିସ ସୂଚନା ଦେଇଛି । ଗତ ୯ ତାରିଖ ଦିନ ଧର୍ମଶାଳା ପୋଲିସ ୧୬ ନଂ ଜାତୀୟ ରାଜପଥ ଜାରକାସ୍ଥିତ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ଚେକିଂ ସମୟରେ ତୋଫାନ ପୋଲିସ ଆଖିରେ ଲଙ୍କା ଗୁଣ୍ଡ ପକାଇ ଚମ୍ପଟ ମାରିଥିଲା । ପୋଲିସ ମୋବାଇଲକୁ ଟ୍ରାକ୍ କରି ଚଣ୍ଡିଖୋଲ ଅଂଚଳରୁ ତାକୁ ଗିରଫ କରିବାରେ ସଫଳ ପାଇଥିଲା । ଆଜି ତାକୁ କୋର୍ଟଚାଲାଣ କରାଯିବା ସହ ତୋଫାନ ଜଣେ ଜୁଡୋ ମାଷ୍ଟର ବୋଲି ଧର୍ମଶାଳା ଥାନା ଅଧିକାରୀ ତପନ ନାୟକ ସୂଚନା ଦେଇଛନ୍ତି ।

নিরপেক্ষ দৈনিক সম্বাদপত্র

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୫ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 15 JANUARY 2024
Vol.No. 35 ■ No.15 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଯା ଦେବୀ ସର୍ବଭୂତେଷୁ............

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ଆଜିଠୁ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ନ୍ୟାୟ ଯାତ୍ରା

## ମଣିପୁରରୁ ବାହାରି ୧୫ ରାଜ୍ୟ ୧୧୦ ଜିଲ୍ଲା ଦେଇ ମୁମ୍ବାଇ ଯାଏଁ ଯାତ୍ରା କରିବେ ରାହୁଲ

ନୂଆଦିଲ୍ଲୀ, ୧୪/୧ : ଆଜିଠୁ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ନ୍ୟାୟ ଯାତ୍ରା ଆରମ୍ଭ । ମଣିପୁରରୁ ମୁମ୍ବାଇ ଯାଏଁ ୬୭ ଦିନ ଧରି ୧୫ ରାଜ୍ୟର ୧୧୦ ଜିଲ୍ଲା ଦେଇ ଯିବ ରାହୁଲଙ୍କ ଏହି ଭାରତ ଯୋଡୋ ଯାତ୍ରାର ଦ୍ୱିତୀୟ ଭାଗ । ଦୁଇ ମାସର ଯାତ୍ରାରେ ରାହୁଲ ଗାନ୍ଧୀ ଭାରତର ପୂର୍ବାଞ୍ଚଳରୁ ଭାରତର ପଶ୍ଚିମାଞ୍ଚଳକୁ ୬ ହଜାର ୬୦୦ କିଲୋମିଟର ଯାତ୍ରା କରିବେ । ଆଜି ମଧ୍ୟାହ୍ନ ୧୨ଟାରେ ମଣିପୁର ସ୍ଥିତ ଖୋଙ୍ଗଜୋମ ଯୁଦ୍ଧ ସ୍ମାରକୀରୁ ଏହି ଯାତ୍ରା ଆରମ୍ଭ କରିବେ ରାହୁଲ ଗାନ୍ଧୀ । ପ୍ରଥମେ ଏହି ଯାତ୍ରା ଇମ୍ଫାଲରୁ ଆରମ୍ଭ ହେବ ବୋଲି ଘୋଷଣା ହୋଇଥିଲା । ହେଲେ ମଣିପୁର ସରକାର ଅନୁମତି ନଦେବାରୁ ଏବେ ଖୋଙ୍ଗଜୋମ ଯୁଦ୍ଧ ସ୍ମାରକୀରୁ ଏହି ଯାତ୍ରା ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି । ତେବେ ଯାତ୍ରାର ଆରମ୍ଭ ସ୍ଥାନ ବଦଳିଥିଲେ ମଧ୍ୟ ରୁଟରେ କୌଣସି ପରିବର୍ତ୍ତନ ହୋଇ ନାହିଁ । କଂଗ୍ରେସ ମହାସଚିବ ଜୟରାମ ରମେଶ କହିଛନ୍ତି, ଏହି ଯାତ୍ରା ଗତ ୧୦ ବର୍ଷରେ ହୋଇଥିବା ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଅନ୍ୟାୟକୁ ଆଖିରେ ରଖି ବାହାର କରାଯାଉଛି । ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଅମୃତକାଳର ସୁନେଲୀ ସ୍ୱପ୍ନ ଦେଖାଉଛନ୍ତି, କିନ୍ତୁ ଗତ ୧୦ ବର୍ଷ ହେଉଛି ଭାରତ ପାଇଁ ଅନ୍ୟାୟ କାଳ । ତେଣୁ ଜନସେଚତନା ପାଇଁ ଏହି ଭାରତ ଯୋଡୋ ନ୍ୟାୟ ଯାତ୍ରା ରାହୁଲ ଗାନ୍ଧୀ କରୁଥିବା କହିଛନ୍ତି ଜୟରାମ ରମେଶ ।




# ୧୭ ତାରିଖ ସରକାରୀ ଛୁଟି: ଅଫିସ୍, ସ୍କୁଲ ଓ କଲେଜ ବନ୍ଦ ରହିବ

ଭୁବନେଶ୍ୱର, ୧୪ /୧ (ନି.ପ୍ର): ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ସେହି ଦିନକୁ ସରକାରୀ ଛୁଟି ଭାବେ ଘୋଷଣା ହୋଇଛି। ରାଜ୍ୟର ସମସ୍ତ ସରକାରୀ ଅଫିସ୍, ସ୍କୁଲ ଓ କଲେଜ ବନ୍ଦ ରହିବ। ଏନେଇ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପୌଷ ଶୁକ୍ଳ ସପ୍ତମୀ ତିଥିରେ ଅନୁଷ୍ଠିତ ହେବ। ସେଥିପାଇଁ ଆରମ୍ଭ ହୋଇଯାଇଛି ପୂଜା ପଦ୍ଧତି। ୧୫ ତାରିଖରୁ ଯଜ୍ଞ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଯଜ୍ଞଶାଳାରେ ଅଙ୍କୁର ପୂଜା, ମଣ୍ଡଳ ଓ ଧ୍ୱଜା ସ୍ଥାପନ ଇତ୍ୟାଦି କର୍ମ ଆରମ୍ଭ ହୋଇଛି। ସେଥିପାଇଁ ଶ୍ରୀକ୍ଷେତ୍ରକୁ ଛୁଟୁଛୁ ଶ୍ରଦ୍ଧାଳୁଙ୍କ ସୁଅ। ଶ୍ରଦ୍ଧାଳୁଙ୍କୁ ଦେଖି ପ୍ରଶାସନ ପୁରୀର ୩ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ମେଡିକାଲ ଛକରେ ୮୧ କୋଟି ୬୩ ଲକ୍ଷ ବ୍ୟୟରେ ସାଢ଼େ ୩ ଏକର ଜମିରେ ହୋଇଛି ବହୁତଳ ପାର୍କିଂ ବ୍ୟବସ୍ଥା। ଏଠାରେ ଏକକାଳୀନ ୫୦୦ କାର ଓ ୫୦୦ ଦୁଇ ଚକିଆ ପାର୍କିଂ ହୋଇପାରିବ। ସେହିପରି ୭ ହଜାର ବର୍ଗମିଟର ଜାଗା ଉପରେ ଶ୍ରୀଜଗନ୍ନାଥ ବଲ୍ଲଭ ପିଲଗ୍ରିମେଜ୍ ସେଣ୍ଟର ନିର୍ମିତ ହୋଇଛି। ବେସମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର୍ ଓ ପ୍ରଥମ ଫ୍ଲୋରରେ ୩୦୦ଟି ଦୁଇ ଚକିଆ ଓ ୧୪ଶହ ୦୨ଟି ଚାରି ଚକିଆ ପାର୍କିଂ ସୁବିଧା ରହିଛି। ସେପଟେ ସମଙ୍ଗର ୪୩ ଏକର ଜାଗାରେ ହୋଇଥିବା ପାର୍କିଂ ବ୍ୟବସ୍ଥାରେ ୪୨୯ଟି ବସ୍, ୫୪୯ଟି କାର୍, ୨୫୮ଟି ଅଟୋ ଓ ୧୦୫୪ଟି ଦୁଇ ଚକିଆ ରହିପାରିବ। ସେଠାରୁ ଇ-ଅଟୋ ଚାଲିବ। ଆସନ୍ତାକାଲି ହେବ ଶ୍ରୀସେତୁ ଓ ଶ୍ରୀମାର୍ଗର ଟ୍ରାଏଲ ରନ।



# ବଦଳିବ ବାଲେଶ୍ୱର ରେଳ ଷ୍ଟେସନର ନେମ ପ୍ଲେଟ୍ : ଅଶ୍ୱନୀ ବୈଷ୍ଣବ

ବାଲେଶ୍ୱର, ୧୪/୧ (ନି.ପ୍ର): ପରିବର୍ତ୍ତନ ହେବ ବାଲେଶ୍ୱର ରେଳ ଷ୍ଟେସନର ନେମ ପ୍ଲେଟ୍। ଏଣିକି ଇଂରାଜୀରେ ବାଲାଶୋର ପରିବର୍ତ୍ତେ ବାଲେଶ୍ୱର ଲେଖିଯିବ। ବାଲେଶ୍ୱର ରେଳ ଷ୍ଟେସନ ତଦାରଖ ବେଳେ ଡିଆରଏମଙ୍କୁ ଫଳକ ପରିବର୍ତ୍ତନ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଇରେଜ ଶାଶନ ଅମଳରୁ ଏହି ଷ୍ଟେସନର ନାମ ବାଲାଶୋର ରହିଥିଲା ଯାହାକୁ ପରିବର୍ତ୍ତନ କରିବା ଲାଗି ରେଳ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ରେଳଯାତ୍ରୀଙ୍କ ସୁବିଧା ଲାଗି ଯେଉଁ ଫୁଟ ଓଭରବ୍ରିଜ୍ ନିର୍ମାଣ ଲାଗି ଦାବି ହୋଇଛି। ତାହା ଛଅମାସ ମଧ୍ୟରେ ପୁରଣ ହେବ ବୋଲି କହିଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।ନିଜ ଗସ୍ତ ବେଳେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସେ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ଦାନ କରିଥିଲେ। ଶେଷରେ ଏମସ ପରିଦର୍ଶନ କରିଥିଲେ। ବାଲେଶ୍ୱର ରେଳଷ୍ଟେସନରେ ପ୍ରବେଶ ଦ୍ୱାର ସାମ୍ନାରେ ଥିବା ଫୁଟ୍ ଅଭରବ୍ରୀଜ ଅବିଳମ୍ବେ ପୁନଃ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା କୋର କମିଟି ବୈଠକ, ଜିଲ୍ଲା ସାଂଗଠନିକ ବୈଠକ ଓ ଜିଲ୍ଲା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ଓ କର୍ମଶାଳା ବୈଠକ। ବୈଠକରେ ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଯୋଜନା ଓ ରଣନୀତି ପ୍ରସ୍ତୁତ ଓ କାର୍ଯ୍ୟକର୍ତ୍ତାଙ୍କୁ ବିଜୟର ମନ୍ତ୍ର ଦେଇଥିଲେ। ବୈଠକରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ ଦାସ, ପୁର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ନିଳଗିରି ବିଧାୟକ ସୁକାନ୍ତ ନାୟକ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଶୋଭନା ମହାନ୍ତି ଓ ପର୍ଶୁରାମ ବେହେରା, ପୁର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଓ ରଘୁନାଥ ମହାନ୍ତି, ପୁର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସ, ରାକେଶ ମଲ୍ଲିକ, ଅଂଶୁମାନ ମହାନ୍ତି, ମାନସ କୁମାର ଦତ୍ତ, ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଇଶ୍ୱର ଚନ୍ଦ୍ର ବେହେରା ଓ ପ୍ରଦୀପ କୁମାର ପଣ୍ଡା, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ମନୀଷା ଚିନ୍ମୟୀ ବେହେରାଙ୍କ ସମେତ ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି ଓ ପଦାଧିକାରୀ ଅଂଶଗ୍ରହଣ କରିଥିଲେ।



# ବେଙ୍ଗାଲୁରୁରେ ଓଡ଼ିଆ ନାବାଳିକାଙ୍କୁ ହତ୍ୟା

ଜଗତସିଂହପୁର, ୧୪/୧ (ନି.ପ୍ର): ବେଙ୍ଗାଲୁରୁରେ ଓଡ଼ିଆ ନାବାଳିକାକୁ ହତ୍ୟା ଅଭିଯୋଗ। ଜଗତସିଂହପୁର ବଡ଼ବାଗ ଅଞ୍ଚଳର ସସ୍ମିତା ବେହେରାଙ୍କ ଝିଅ ଖୁସିକୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଜଗତସିଂହପୁର ସଦର ଥାନା ବଡ଼ବାଗ ଗ୍ରାମର ବାବୁଲି ବେହେରାଙ୍କ ଝିଅ ସସ୍ମିତା ବେହେରା ୧୪ବର୍ଷ ପୂର୍ବେ ନୟାଗଡ଼ ଦଶପଲ୍ଲା ଅଞ୍ଚଳରେ ବିବାହ କରିଥିଲେ। ତେବେ ଦୁଇ ବର୍ଷ ପୂର୍ବେ ଦୁର୍ଘଟଣାରେ ତାଙ୍କ ସ୍ୱାମୀର ମୃତ୍ୟୁ ହୋଇଥିଲା। ପରେ ସସ୍ମିତା ଝିଅ ଖୁସି ଓ ଛୋଟ ପୁଅକୁ ନେଇ ଆସି ବଡ଼ବାଗ ସ୍ଥିତ ବାପାଘରେ ରହୁଥିଲେ। ସେଠାରେ ସସ୍ମିତା ଭଦ୍ରକର ଏକ ଯୁବକକୁ ଭଲପାଇଲେ। ପରିବାରର ସହମତରେ ସସ୍ମିତା ଦ୍ୱିତୀୟ ବିବାହ କରିଥିଲେ। ବିବାହ ପରେ ସସ୍ମିତା ନିଜ ପରିବାର ସହ ବେଙ୍ଗାଲୁରୁକୁ ପଳେଥିଲେ। ସେଠାରେ ଏକ ଘରୋଇ କମ୍ପାନୀରେ ସ୍ୱାମୀ ଓ ସ୍ତ୍ରୀ କାମ କରୁଥିଲେ। ତେବେ ଶନିବାର (ଗତକାଲି) ସକାଳେ ଝିଅ ଖୁସିର ମୃତଦେହ ଭଡ଼ାଘର ନିକଟରୁ ମିଳିଥିଲା।

# ଆଜିଠାରୁ ଆରମ୍ଭ ବରଗଡ଼ ଧନୁଯାତ୍ରା



ଭୁବନେଶ୍ୱର, ୧୪ /୧ (ନି.ପ୍ର): ଆସନ୍ତାକାଲିଠୁ ଆରମ୍ଭ ହେଉଛି ବରଗଡ଼ ପ୍ରସିଦ୍ଧ ଧନୁଯାତ୍ରା। ଏଥିଲାଗି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ପ୍ରସ୍ତୁତି। କଂସଙ୍କ ରାଜ ଦରବାର ସମେତ ରଙ୍ଗମହଲ ଓ ବିଭିନ୍ନ ତୋରଣ କାମ ଜୋରସୋରରେ ଆଗେଇ ଚାଲିଛି। ବରଗଡ଼ ଧନୁଯାତ୍ରା ଚଳିତଥର ୭୬ ବର୍ଷରେ ପଦାର୍ପଣ କରୁଥିବା ବେଳେ ଏହା ଜାନୁଆରୀ ୨୫ ତାରିଖ ପର୍ଯ୍ୟନ୍ତ ୧୧ ଦିନ ଧରି ଚାଲିବ ଯାତ୍ରା। ହାଟପଦା ଠାରେ ମହାରଜ କଂସଙ୍କ ପ୍ରାୟ ୯୫ ଫୁଟ ଉଚ୍ଚ ଏବଂ ୪୫ ଫୁଟ ପ୍ରସ୍ଥ ବିଶିଷ୍ଟ ରାଜଦରବାର ନିର୍ମାଣ କରାଯାଇଛି। ସହିପରି ରଙ୍ଗ ମହଲକୁ ନୂଆ ରୂପ ଦିଆଯାଉଛି। ବରଗଡ଼ର ପ୍ରାୟ ୭ କିଲୋମିଟର ପରିଧି ଭିତରେ ୧୪ଟି ମଞ୍ଚରେ ଧନୁଯାତ୍ରା ମହୋତ୍ସବ ଆୟୋଜିତ ହୋଇଥାଏ। କଂସ ଦରବାର, ରଙ୍ଗମହଲ ଓ ନନ୍ଦ ଦରବାରରେ ପ୍ରତିଦିନ ଧନୁଯାତ୍ରାର ଦୃଶ୍ୟଗୁଡ଼ିକ ଅଭିନୀତ ହୋଇଥାଏ।

# ଅଲ୍‌ଟିମେଟ୍‌ମ ଦେଲା ଶିକ୍ଷକ ସଂଘ: ୨୭ରେ ଦାବି ପୂରଣ ନହେଲେ ୨୯ରୁ ରାସ୍ତାକୁ ଓହ୍ଲାଇବୁ

ଭୁବନେଶ୍ୱର, ୧୪ /୧ (ନି.ପ୍ର): ରାଜ୍ୟ ସରକାରଙ୍କୁ ଅଲ୍‌ଟିମେଟ୍ ଦେଲା ଶିକ୍ଷକ ସଂଘ। ଜାନୁଆରୀ ୨୭ ସୁଦ୍ଧା ଦାବି ପୂରଣ ନହେଲେ ଆନ୍ଦୋଳନକୁ ଓହ୍ଲାଇବ ଶିକ୍ଷକ ସଂଘ। ଜାନୁଆରୀ ୨୯ ତାରିଖରୁ ଦାବି ପୂରଣ ନହେଲେ ସବୁ ବର୍ଗର ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଆଜି ଚେତାବନୀ ଦେଇଛନ୍ତି। ଆନ୍ଦୋଳନ ଯୋଗୁ ଯାହା ପରିସ୍ଥିତି ଉପୁଜିବ, ସେଥିପାଇଁ ସରକାର ଦାୟି ରହିବେ ବୋଲି ପ୍ରାଥମିକ ବିଦ୍ୟାଳୟ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି। ପ୍ରାଥମିକ ବିଦ୍ୟାଳୟ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣାଙ୍କ କହିବା ଅନୁସାରେ ତିନି ଦଫା ଦାବି ନେଇ ୨୦୨୨ ନଭେମ୍ବରରେ ଆନ୍ଦୋଳନକୁ ଓହ୍ଲାଇଥିଲା ଶିକ୍ଷକ ସଂଘ। ଦାବି ପୂରଣ ପାଇଁ ମୁଖ୍ୟଶାସନ ସଚିବଙ୍କ ସହିତ ଆଲୋଚନା ହୋଇଥିଲା। ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ଇତି ମଧ୍ୟରେ ୧୦ ମାସ ବିତି ଗଲାଣି। ହେଲେ ଦାବି ପୂରଣ ହେଲା ନାହିଁ। ୨୦୨୩ ସେପ୍ଟେମ୍ବରରେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିଲୁ। ପୁଣି ଅଲୋଚନା ହେଲା। ସମୟ ଲାଗବ ବୋଲି କୁହାଯାଇଥିଲା। ପ୍ରାଥମିକ ଶିକ୍ଷକ ସଂଘ ଆଶା କରିଥିଲା, ନୂଆ ବର୍ଷରେ ସରକାର ନୂଆ କିଛି ଭେଟି ଦେବେ। କିନ୍ତୁ ଡିସେମ୍ବର ଜାନୁଆରୀ ଅଧା ହେଲାଣି। ପ୍ରାଥମିକ ଶିକ୍ଷକଙ୍କ କୌଣସି ଦାବି ପୂରଣ ହେଲାନାହିଁ ବୋଲି ଶ୍ରୀ ମହାରଣା କହିଛନ୍ତି। ସେ ଆହୁରି କହିଛନ୍ତି, ପ୍ରାଥମିକ ଶିକ୍ଷାରେ ଭିତ୍ତିଭୂମିର ବିକାଶ ନାହିଁ। ବହୁ ସଂଖ୍ୟାରେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଶିକ୍ଷକମାନଙ୍କୁ ପଦୋନ୍ନତି ଦିଆଯାଉ ନାହିଁ। ମଧ୍ୟାହ୍ନ ଭୋଜନ ବାବଦକୁ ପିଲାଙ୍କ ପିଛା ସରକାର ୫.୯୦ ପଇସା ଦେଉଛନ୍ତି। ସେଥିରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିବା କଷ୍ଟକର ହେଉଛି। କେତେକ ସ୍ଥାନରେ ନିମ୍ନମାନର ହେଉଛି। ଯେଉଁ ଉଦ୍ଦେଶ୍ୟ ନେଇ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଆରମ୍ଭ ହୋଇଥିଲା, ତାହା ସାଧିତ ହେଉନାହିଁ। ପିଲାମାନେ ପୃଷ୍ଟିକର ଖାଦ୍ୟ ଖାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଆମେ ବହୁବାର ରାଜ୍ୟ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରି ଆସିଛୁ। ହେଲେ ରାଜ୍ୟ ସରକାର କୌଣସି ପୂବି ପୂରଣ କରୁନାହାନ୍ତି ବୋଲି ଶ୍ରୀ ମହାରଣା କହିଛନ୍ତି।




# ବାଲେଶ୍ୱର ଲୋକସଭା ଆସନରୁ ଲଢ଼ିବେନି କେନ୍ଦ୍ର ରେଳମନ୍ତ୍ରୀ: ନିଜେ ସ୍ପଷ୍ଟ କଲେ ଅଶ୍ୱିନୀ ବୈଷ୍ଣବ

ବାଲେଶ୍ୱର, ୧୪/୧ (ନି.ପ୍ର): ବେଶ କିଛି ଦିନ ଧରି ଚର୍ଚ୍ଚା ହେଉଥିଲା ଯେ ବାଲେଶ୍ୱର ଲୋକସଭା ଆସନରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିଜେପି ପ୍ରାର୍ଥୀ ହୋଇପାରନ୍ତି। ହେଲେ ସେଭଳି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ନିଜେ ଅଶ୍ୱିନୀ ବୈଷ୍ଣବ। ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ବାଲେଶ୍ୱର ଲୋକସଭା ଆସନରୁ ଲଢ଼ିବେନି କେନ୍ଦ୍ର ରେଳମନ୍ତ୍ରୀ। ଘନ ଘନ ବାଲେଶ୍ୱର ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ଅଶ୍ୱିନୀ। ଏହାକୁ ଦୃଷ୍ଟିରେ ରଖି ଚର୍ଚ୍ଚା ହେଉଥିଲା ବାଲେଶ୍ୱର ଲୋକସଭା ଆସନରୁ ନିର୍ବାଚନ ଲଢିପାରନ୍ତି ଏହି ରାଜ୍ୟସଭା ସାଂସଦ। ହେଲେ ଏହି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ମୁଁ ନୁହେଁ, ନନା ଅଛନ୍ତି।



# ବାଡ଼ିରୁ ଶିଶୁର କଟା ମୁଣ୍ଡ ଉଦ୍ଧାର

ଯାଜପୁର, ୧୪/୧ (ନି.ପ୍ର): ଶିଶୁର କଟା ମୁଣ୍ଡ ଉଦ୍ଧାର। ଏଭଳି ଘଟଣା ଘଟିଛି ଯାଜପୁରରୋଡ ଲକ୍ଷ୍ମୀନଗର ଥାନା ରାଧାନଗର ଗାଁର ଜଣଙ୍କ ବାଡ଼ିରୁ ଉଦ୍ଧାର ହୋଇଛି କଟା ମୁଣ୍ଡ। କଟା ମୁଣ୍ଡଟିକୁ ଏକ କୁକୁର ଖାଉଥିବା ବେଳେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସୂଚନା ଅନୁସାରେ ଶନିବାର (ଗତକାଲି) ରାତିରେ ଜଣେ ମହିଳା ନିଜ ବାଡ଼ିକୁ ଜାଇଥିବା ବେଳେ ଗୋଟିଏ ଶିଶୁର କଟାମୁଣ୍ଡ ଦେଖିଥିଲେ।

▶▶ପୃଷ୍ଠା ୭

# ଭିଜିଲାନ୍ସ ଏସ୍‌ପିର ପରିଚୟ ଦେଇ ଲୁଟିଥିଲା ୭.୬୦ ଲକ୍ଷ, ବାନ୍ଧିଲା ପୁଲିସ୍

ଭୁବନେଶ୍ୱର, ୧୪ /୧ (ନି.ପ୍ର): ଭିଜିଲାନ୍ସ ଏସ୍‌ପି ପରିଚୟ ଦେଇ ଜଣେ ଠିକାଦାରଙ୍କ ଠାରୁ ୭ ଲକ୍ଷ ୬୦ ହଜାର ଟଙ୍କା ଠକି ନେଇଥିବା ଜଣେ ଠକକୁ ଗିରଫ କରିଛି ସାଇବର ଥାନା ପୁଲିସ୍। ଗିରଫ ଯୁବକଙ୍କ ନାଁ ମନୋଜ କୁମାର ମାଝୀ (୩୪)। ତାଙ୍କ ଘର ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅଞ୍ଚଳରେ। ତାଙ୍କ ଠାରୁ ନଗଦ ୨ ଲକ୍ଷ ୬୦ ହଜାର ଟଙ୍କା ଜବତ କରାଯାଇଛି। ତା'ସହିତ ବିଭିନ୍ନ ବ୍ୟାଙ୍କର ୬ଟି ଏଟିଏମ୍ କାର୍ଡ ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଭୁବନେଶ୍ୱର କମିଶନରେଟ ପୁଲିସ୍‌ର ଜୋନ୍ ୫ ଏସିପି ଗୌତମ କିଶାନଙ୍କ ସୂଚନା ଅନୁଯାୟୀ, ଗତ ବର୍ଷ ମେ' ୩୧ ତାରିଖରେ ରାୟଗଡ଼ାର ମନୋଜ କୁମାର ଚୌଧୁରୀ ନାମକ ଜଣେ ଠିକାଦାର ଠକେଇର ଶିକାର ହୋଇଥିବା ନେଇ ଅଭିଯୋଗ କରିଥିଲେ।

▶▶ପୃଷ୍ଠା ୭



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୫ ଜାନୁଆରୀ ୨୦୨୪, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମହାରାଷ୍ଟ୍ର ରାଜନୀତି ...

ମହାରାଷ୍ଟ୍ରର ରାଜନୀତି ଏକ ପଙ୍କିଳ ପର୍ଯ୍ୟାୟ ଦେଇ ଗତି କରୁଛି । ନିକଟରେ ଏହି ରାଜ୍ୟର ବିଧାନସଭା ବାଚସ୍ପତି ରାହୁଲ ନରୱେ୍କର ଶିବସେନା ବନାମ ଶିବସେନା ଲଢ଼େଇର ଏକ ସରଳ ଅଥଚ ପକ୍ଷପାତୀ ସମାଧାନ ବାହାର କରିଛନ୍ତି। ଏକନାଥ ସିନ୍ଦେ ଗୋଷ୍ଠୀଙ୍କୁ 'ପ୍ରକୃତ' ଶିବସେନା ଏବଂ ଏହି ଦଳର ବିଭାଜନର ସ୍ଥିତାବସ୍ଥାକୁ ବଜାୟ ରଖି, ଦଳ ବଦଳ-ବିରୋଧୀ ଆଇନ ଅନୁସାରେ କୌଣସି ସଦସ୍ୟଙ୍କର ସଦସ୍ୟତାକୁ ରଦ୍ଦ ନକରି, ବାଚସ୍ପତି ସରକାର ଚଳାଇ ରଖିବାକୁ ସୁଯୋଗ ଦେଇଛନ୍ତି। ସାମ୍ପ୍ରତିକ ସମୟରେ ମହାରାଷ୍ଟ୍ର ରାଜନୀତିରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ତାହା ଆରମ୍ଭ ହୋଇଥିଲା ଜୁନ୍ ୨୦୨୨ରେ ଶିବସେନା ଦଳ ଭିତରେ ଯେତେବେଳେ କି ଏକନାଥ ସିନ୍ଦେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାରେଙ୍କ ବିରୁଦ୍ଧରେ ୫୫ ସଦସ୍ୟଙ୍କ ମଧ୍ୟରୁ ୩୭ ସଦସ୍ୟଙ୍କୁ ନିଜ ସପକ୍ଷରେ ନେଇ ବିଦ୍ରୋହ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏହା ମହାରାଷ୍ଟ୍ର ବିକାଶ ଅଘାଡ଼ି ସରକାରର ପତନ ଦିଗରେ ପଥ କଢ଼ାଇ ନେଇଥିଲା । ପରିଣତିରେ ଶ୍ରୀଯୁକ୍ତ ଠାକ୍‌ରେଙ୍କୁ ମୁଖ୍ୟମନ୍ତ୍ରୀ ପଦ ହରାଇବାକୁ ପଡ଼ିଥିଲା ଏବଂ ଶ୍ରୀଯୁକ୍ତ ସିନ୍ଦେ ତାଙ୍କର ସମର୍ଥକ ବିଦ୍ରୋହୀ ବିଧାୟକମାନଙ୍କ ସମର୍ଥନରେ ମହାରାଷ୍ଟ୍ର ବିଧାନସଭାରେ ବିନା ବହୁମତ ସାବ୍ୟସ୍ତ କରି ମୁଖ୍ୟମନ୍ତ୍ରୀ ପଦରେ ଆସୀନ ହୋଇଥିଲେ । ଯେହେତୁ ଏହି ରାଜନୀତିକ ଦଳର ଦାବି ବ୍ୟବସ୍ଥାପିକାର ଉର୍ଦ୍ଧ୍ୱରେ ଥିବା ଭାବରେ ଗ୍ରହଣ କରି ନିଆଯାଇଥିଲା, ତେଣୁ ସୁପ୍ରିମ୍‌କୋର୍ଟ ପ୍ରକୃତ ଶିବସେନା ଭାବରେ କାହାକୁ ମାନ୍ୟତା ପ୍ରଦାନ କରାଯିବ, ତା'ର ନିଷ୍ପତ୍ତି ନେବାକୁ ବିଧାନସଭାର ବାଚସ୍ପତିଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ । କିନ୍ତୁ ଶ୍ରୀଯୁକ୍ତ ନରୱେ୍କରଙ୍କ ରାୟ ୨୦୧୮ର ଦଳର ସଂଶୋଧିତ ସମ୍ବିଧାନକୁ ଖାରଜ କରିବା ଉପରେ ଆଶ୍ରୟ କରିଛି, ଯେଉଁ ସଂଶୋଧନ ଏହି ରାଜନୀତିକ ଦଳର ମୁଖ୍ୟ ବା ଶ୍ରୀଯୁକ୍ତ ଠାକ୍‌ରେଙ୍କୁ ମୁଖ୍ୟ ଭାବରେ ଅବସ୍ଥାପିତ କରିଥିଲା। ବାଚସ୍ପତି ତାଙ୍କର ନିର୍ଣ୍ଣୟ ନିମନ୍ତେ ଦଳର ୧୯୯୯ ସମ୍ବିଧାନ ଉପରେ ଭରସା କରିଥିଲେ ଯାହା ନେତୃତ୍ୱର ସଂରଚନାକୁ ନିର୍ଦ୍ଧାରଣ କରିଛି। ଏହି ସମ୍ବିଧାନ ଅନୁସାରେ ଶ୍ରୀଯୁକ୍ତ ଠାକ୍‌ରେଙ୍କର ଶ୍ରୀଯୁକ୍ତ ସିନ୍ଦେଙ୍କୁ ବ୍ୟବସ୍ଥାପିକା ଦଳର ନେତା ପଦରୁ ବହିଷ୍କାର କରିବାର କୌଣସି ଅଧିକାର ନଥିଲା ; ଏହି ଅଧିକାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଉପରେ ନ୍ୟସ୍ତ କରାଯାଇଥିଲା । ବର୍ତ୍ତମାନ ଶ୍ରୀଯୁକ୍ତ ନରୱେ୍କର ଶ୍ରୀଯୁକ୍ତ ଠାକ୍‌ରେ ଯେତେବେଳେ ମୁଖ୍ୟମନ୍ତ୍ରୀ ଥିଲେ, ସେତେବେଳେ ଦଳୀୟ ହ୍ୱିପ୍‌କୁ ବେଖାତିର କରି ଏକ ଦଳୀୟ ବୈଠକରେ ଯୋଗ ନଦେବା ଉପରେ ନିର୍ଣ୍ଣୟ ନେବାକୁ ଯାଇ କହିଛନ୍ତି ଯେ ସେଥିପାଇଁ କୌଣସି ପକ୍ଷର ସଦସ୍ୟଙ୍କ ସଦସ୍ୟତା ରଦ୍ଦ ହେବନାହିଁ, କାରଣ ତାହା ଦଳର ନେତାଙ୍କ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିବା ବା ବାକ୍ ସ୍ୱାଧୀନତା ଥିଲା । ଏସବୁ ଭିତରେ ରହିଥିବା ଅନେକଗୁଡ଼ିଏ ଜଟିଳ ବୈଷୟିକ କଥାକୁ ବାଦ୍ ଦେଲେ ଏକଥାକୁ ଅସ୍ୱୀକାର କରିହେବ ନାହିଁ ଯେ ଶିବସେନା, କଂଗ୍ରେସ ଏବଂ ଏସିପିର ଶରଦ ପାୱାରଙ୍କ ଗୋଷ୍ଠୀର ଏମ୍ ସରକାର ଶିବସେନାର ବିଦ୍ରୋହୀ ବିଧାୟକମାନଙ୍କ ଦ୍ୱାରା ପତନକୁ ସାମ୍ନା କରିଥିଲା, ଯେଉଁମାନେ କି ଅନ୍ୟ କୌଣସି ଦଳରେ ଯୋଗ ଦେଇ ନଥିଲେ କି ସେମାନଙ୍କର ନିଜସ୍ୱ ନୂଆ ଦଳ ଗଠନ କରି ନଥିଲେ, ବରଂ ବର୍ତ୍ତମାନ ସମୟରେ ଶତ୍ରୁ ଭାବରେ ବିବେଚିତ ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ ଅଜିତ୍ ପାୱାରଙ୍କ ଏନ୍‌ସିପି ସହିତ ମିଶି ସରକାର ଚଳାଉଛନ୍ତି। ବୈଷୟିକ ତ୍ରୁଟି ବିଚ୍ୟୁତି- ସେଗୁଡ଼ିକ ଯାହା ହେଉ ନା କାହିଁକି- ନୈତିକ ବିଫଳତାର ଦୃଷ୍ଟି ଦ୍ୱାରା ଅକ୍ତିଆରକୁ ନିଆଯାଇଥିବା ସମ୍ପ୍ରତି ବ୍ୟାପକ ଭାବରେ ସର୍ବସମ୍ମୁଖରେ ଉପସ୍ଥାପିତ ହୋଇଛି ବୋଲି କହିବା କଦାଚିତ୍ ଅସମୀଚୀନ ହେବ। କାରଣ ମହାରାଷ୍ଟ୍ରର ଘଟଣା ଅନେକଗୁଡ଼ିଏ ପ୍ରସଙ୍ଗରେ ସମ୍ମିଳିତ ହୋଇ ରହିଛି ଏବଂ ବେଶ୍ କେତେକ ପ୍ରସଙ୍ଗରେ ତର୍ଜମାକୁ ଆମନ୍ତ୍ରିତ କରୁଛି ବୋଲି କୁହାଯାଇପାରେ, ଯଥା ଶାସକ ଦଳର ବିଧାୟକମାନେ ଭାଗ ଭାଗ ହୋଇଯିବା ବା ବିଦ୍ରୋହ କରିବା ଏବଂ ବ୍ୟବସ୍ଥାପିକା କର୍ତ୍ତୃପକ୍ଷମାନଙ୍କର ପକ୍ଷପାତିତାପୂର୍ଣ୍ଣ ବ୍ୟବହାର, ଯାହା ହୁଏତ ଅନିବାର୍ଯ୍ୟ, କିନ୍ତୁ ଜଟିଳତା ଦିଗରେ ପଥ କଢ଼ାଇ ନେଇଥାଏ, ଯାହା ଫଳରେ ନ୍ୟାୟପାଳିକାକୁ ଏସବୁରେ ହସ୍ତକ୍ଷେପ କରିବାକୁ ପଡ଼ିପାରେ। ତେବେ ଏସବୁ ବାଦ୍ ଏହା ମଧ୍ୟ ସତ୍ୟ ଯେ ଏମ୍‌ଏ ସରକାର ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲା ; ନୂତନ ସରକାରରେ ବିଦ୍ରୋହୀ ବିଧାୟକମାନଙ୍କର ସଂଖ୍ୟା ଗରିଷ୍ଠତାକୁ ଆଣିବା ନିମନ୍ତେ ଛଳ କପଟର ଆଶ୍ରୟ ନିଆଯାଇଥିଲା, ଯଦ୍ୱାରା ଶ୍ରୀଯୁକ୍ତ ସିନ୍ଦେଙ୍କ ଗୋଷ୍ଠୀ ଭୋଟ୍ ଅଂଶର ଅଧିକ ବା ପ୍ରମୁଖ ଭାଗଟିକୁ ନିଜ ସପକ୍ଷରେ ଦାବି କରି ପାରିବେ, ଆଉ ସେଥି ବଳରେ ଅଧିକ ଭୋଟର ସମର୍ଥନ ପାଇବେ । କିନ୍ତୁ ଏକଥା ସ୍ମରଣ ରହିବା ଉଚିତ ଯେ ଭୋଟ୍‌ଗୁଡ଼ିକ ବିଭିନ୍ନ ପରିସ୍ଥିତିରେ ଲାଭ କରାଯାଇଥିଲା । ଆଉ ଏକ ଗଣତନ୍ତ୍ରକୁ ଛଳ କପଟ ଚଳାଇ ନଥାଏ, ନୀତିଗୁଡ଼ିକ ହିଁ ଚଳାଇ ଥାଏ ।

# ପ୍ରୀତି ତଥା ମୈତ୍ରୀର ପର୍ବ 'ମକର ସଂକ୍ରାନ୍ତି'



## ଡକ୍ଟର ଶରତ୍ ଚନ୍ଦ୍ର ମିଶ୍ର



ଆମର ଜନ୍ମଭୂମି ଭାରତବର୍ଷ, ଏକ ସଂସ୍କୃତିସମ୍ପନ୍ନ ତଥା କୃଷିଭିତ୍ତିକ ରାଷ୍ଟ୍ର ଅଟେ । ଏଠାରେ ବିଭିନ୍ନ ଧର୍ମ, ପରମ୍ପରା ଓ ସଂସ୍କୃତିର ଲୋକେ ବସବାସ କରନ୍ତି । ତେଣୁ ବିଭିନ୍ନ ସମ୍ପ୍ରଦାୟରେ ନାନା ପର୍ବପର୍ବାଣି ପାଳନ କରନ୍ତି । ପ୍ରତ୍ୟେକ ପର୍ବପର୍ବାଣୀ ପାଳନରେ କିଛି ନା କିଛି ଧାର୍ମିକ ଓ ବିଜ୍ଞାନ ସମ୍ମତ ମତ ବା କାରଣ ରହିଛି । ସେମାନଙ୍କର ସେହି ପର୍ବପର୍ବାଣି ପାଳନ ମୂଳରେ ଥିବା କାରଣ ମଧ୍ୟରେ ଜୀବନକୁ ସରସ, ସୁନ୍ଦର ତଥା ସୁଖମୟ କରିବା କାରଣଟି ବୋଧହୁଏ ମୁଖ୍ୟ । ହିନ୍ଦୁମାନେ ପାଳନ କରୁଥିବା ବାରମାସରେ ତେର ପର୍ବ ମଧ୍ୟରୁ 'ମକର ସଂକ୍ରାନ୍ତି' ଗୋଟିଏ ବଡ଼ ପର୍ବ । କେବଳ ଓଡ଼ିଶା କାହିଁକି ଭାରତରେ ବିଭିନ୍ନ ଅଞ୍ଚଳରେ ଏହି ପର୍ବଟିକୁ ବିଭିନ୍ନ ନାମରେ ପାଳନ କରାଯାଏ । ଏଣୁ 'ମକର ସଂକ୍ରାନ୍ତି'କୁ ଏକ 'ଗଣପର୍ବ' କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସଂକ୍ରାନ୍ତି ଶବ୍ଦର ଅର୍ଥ ହେଉଛି 'ସମ୍ୟକ୍ କ୍ରାନ୍ତି' ବା 'ଅତିକ୍ରମ' । ଗ୍ରହ କ୍ରାନ୍ତି ବୃତ୍ତର ଗୋଟିଏ ରାଶିକୁ ଅତିକ୍ରମ କରି ଅନ୍ୟଏକ ରାଶିରେ ପାଦ ଦେବାକୁ ସଂକ୍ରମଣ କୁହାଯାଏ । ସୂର୍ଯ୍ୟ ବା ରବିଙ୍କର ଯେଉଁଦିନ ରାଶି ସଂକ୍ରମଣ ହୁଏ (ଅର୍ଥାତ୍ ସୂର୍ଯ୍ୟୋଦୟରୁ ପରବର୍ତ୍ତୀ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ସମୟକୁ ଗୋଟିଏ ଦିନ ବା ଅହୋରାତ୍ର ଧରାଯାଏ) ସେହି ଦିନକୁ ଓଡ଼ିଶାରେ ସଂକ୍ରାନ୍ତି କୁହାଯାଏ । ଏହି ଦିନ ସୂର୍ଯ୍ୟ 'ଧନୁ' ରାଡିରୁ 'ମକର' ରାଶିକୁ ପ୍ରବେଶ କରିଥାଏ । ପୃଥିବୀ ଗୋଟିଏ ରାଶିରୁ ଅନ୍ୟ ରାଶିରେ ପହଞ୍ଚିଲେ ତାହାକୁ ମାସର ଆରମ୍ଭ ବା ସଂକ୍ରାନ୍ତ କୁହାଯାଏ । ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତି ଶେଷ କରାଇ ଉତ୍ତରାୟଣ ଗତି ଆରମ୍ଭ ହୁଏ । ଅର୍ଥାତ୍ ଏହି ଦିନଠାରୁ ସୂର୍ଯ୍ୟ 'ମକର କ୍ରାନ୍ତି' ପରିତ୍ୟାଗ କରି 'ବିଷୁବ ରେଖା' ଆଡ଼କୁ ଯାଇଥାନ୍ତି। ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟ ତାଙ୍କର ଦକ୍ଷିଣାୟନ ଯାତ୍ରା ଶେଷକରି ଉତ୍ତରାୟଣ ଗତି ଆରମ୍ଭ କରନ୍ତି । ଏହା ପରଠୁ ଧୀରେ ଧୀରେ ତାପମାତ୍ରା ବଢ଼େ । ଦିନ କ୍ରମଶଃ ବଡ଼ ବା ଦୀର୍ଘ ହୋଇ ରାତି ସାନ ହୋଇଥାଏ। ତେଣୁ କଥାରେ ଅଛି 'ମକର ଦିନ ହୁଏ ବକର' । ସୂର୍ଯ୍ୟଙ୍କର ତେଜ ବଢ଼ିବାରୁ ଶୀତ କ୍ରମଶଃ କମିବାକୁ ଲାଗେ । ତେବେ ଏହି 'ମକର ସଂକ୍ରାନ୍ତି' ଦିନଟି ସହିତ ଅତୀତର ପୌରାଣିକ କାହାଣୀ ଓ ଅତ୍ୟାୟିକା ଜଡ଼ିତ।

'ମକର' ରାଶିର ଅଧିପତି ହେଉଛନ୍ତି ଶନି । ସୂର୍ଯ୍ୟଦେବ ଏହିଦିନ ତାଙ୍କ ପୁତ୍ର ଶନିଦେବଙ୍କ ଘରକୁ ଯାହାନ୍ତି । ଜ୍ୟୋତିଷଶାସ୍ତ୍ର ଅନୁସାରେ ଏହି ବାପପୁଅଙ୍କର ପ୍ରାୟ ପଡ଼େନି । ହେଲେ ଏହିଦିନ ସୂର୍ଯ୍ୟଦେବ ପୁଅ ଘରକୁ ଯାହାନ୍ତି ଓ ସେଠାରେ ମାସଟିଏ ରହନ୍ତି । ସାଧାରଣତଃ ଦେବତା ମାନଙ୍କର ଛ'ମାସ ଦିନ ଓ ଛ'ମାସ ରାତି । ଏହି ମକର ସଂକ୍ରାନ୍ତି ଠାରୁ ଦେବତାଙ୍କର ଦିନ ଆରମ୍ଭ ହୁଏ । ତେଣୁ ସେହିଦିନ ଦେବତାମାନେ ପ୍ରସନ୍ନ ଥିବାରୁ ଅନେକ ଦେବ ଆରାଧନା କରାଯାଏ । ପୁରାଣାନୁସାରେ ଏହିଦିନ ମନ୍ଦ ଅସୁରମାନଙ୍କୁ ମାରି ବିଷ୍ଣୁ ମନ୍ଦାର ପର୍ବତରେ ପୋତି ଦେଇଥିଲେ । ଏହି ପବିତ୍ର ଦିନରେ ଦେହତ୍ୟାଗ କଲେ ବୈକୁଣ୍ଠପ୍ରାପ୍ତି ହେବାର ପ୍ରବାଦ ଅଛି । ମହାଭାରତରେ ଶରାହତ ପିତାମ ଭୀଷ୍ମ ଶରଶଯ୍ୟାରେ ଶୋଇ ମହାଭାରତ ଯୁଦ୍ଧ ଦେଖିଲେ ଓ ଦେହତ୍ୟାଗ ପାଇଁ ଏହି ଦିନଟିକୁ ପ୍ରତୀକ୍ଷା କରିଥିଲେ । ଭଗୀରଥ ତାଙ୍କର ଷାଠିଏ ହଜାର ପୂର୍ବ ପୁରୁଷଙ୍କର ସଦ୍‌ଗତି କାମନା କରି ଗଙ୍ଗାମାତାଙ୍କୁ ତପସ୍ୟା କରି ହିମାଳୟରୁ ଆଣି ଗଙ୍ଗାସାଗରରେ ମିଶାଇବା ସହ ପୂର୍ବଜଙ୍କୁ ଶାପମୁକ୍ତ କରାଇଥିଲେ । ଏ ସମସ୍ତ ପୌରାଣିକ ଗଳ୍ପର ପ୍ରତୀକ । ଅର୍ଥ ହେଉଛି ମକର ସଂକ୍ରାନ୍ତି ହେଉଛି 'କୁ' ଉପରେ 'ସୁ'ର ବିଜୟ ।

ଏହି ଦିନଟିକୁ ଭାରତର ବିଭିନ୍ନ ସ୍ଥାନର ଲୋକଙ୍କ ବିଭିନ୍ନ ନାମରେ ପାଳନ କରନ୍ତି । ଦକ୍ଷିଣ ଭାରତରେ ମକର ଦିନଠାରୁ ତାଙ୍କର 'ନୂଆବର୍ଷ' ଆରମ୍ଭ ହୁଏ । ସେମାନେ ଏହାକୁ 'ପୋଙ୍ଗଲ୍' ଭାବେ ପାଳନ କରନ୍ତି । ତାମିଲ ଭାଷାରେ 'ପୋଙ୍ଗଲ'ର ଅର୍ଥ ଉଚ୍ଛୁଳି ପଡ଼ିବା । ଏହି ପର୍ବକୁ ଭୋଗି, ମକର, କାନୁମା ଓ ମୁକ୍କାନୁମା ଭାବରେ ଚାରିଦିନ ଅତି ଆନନ୍ଦରେ ପାଳନ କରନ୍ତି । ପଞ୍ଜାବରେ ଏହି ସଂକ୍ରାନ୍ତିକୁ 'ଲୋହଡ଼ି' ଆସାମରେ 'ଭୋପଲୀ ବିହୁ' ଗୁଜରାଟରେ 'ଉତ୍ତରାୟଣ' ହରିଆନା ଓ ହିମାଚଳରେ 'ମାର୍ଗି' ଓ ପଶ୍ଚିମବଙ୍ଗରେ 'ପୌଷ ସଂକ୍ରାନ୍ତି' ଭାବେ ପାଳନ କରାଯାଏ ।

ଓଡ଼ିଶାର କେତେକ ସ୍ଥାନରେ ଏହାକୁ 'ତିଳ ସଂକ୍ରାନ୍ତି' ମଧ୍ୟ କୁହାଯାଏ । ଏହି ସଂକ୍ରାନ୍ତି ଠାରୁ ଦିନ ତିଳ-ତିଳ (କ୍ରମଶଃ) ବଢ଼ିବାକୁ ଲାଗେ । ଓଡ଼ିଶାରେ ତିନି, ଶାକର ମିଶା କୋରା ଭୋଗ ହେଲେ ଲୋକେ ଖାଆନ୍ତି ଓ ବନ୍ଧୁ ଓ ଭିକାରୀଙ୍କୁ ମଧ୍ୟ ଦେଇଥାନ୍ତି। ସେଦିନ 'ତିଳ'କୁ ଛଅ ପ୍ରକାର ବ୍ୟବହାର କଲେ ପାପ ନଷ୍ଟ ହୁଏ । ସେଗୁଡ଼ିକ ହେଉଛି ତିଳ ତେଲରେ ଦାନ୍ତ ସଫା କରିବା, ତିଳ ତେଲ ଲଗାଇ ସ୍ନାନ କରିବା, ଅଗ୍ନି ବା ହୋମରେ ତିଳ ନିଲେପ କରିବା, ତିଳମିଶା ପାଣି ପିଇବା, ଖାଦ୍ୟରେ ତିଳକୁ ବ୍ୟବହାର କରିବା ଓ ଭିକାରୀକୁ ତିଳ ଦାନ ଦେବା ।

ମକର ସଂକ୍ରାନ୍ତି ଅନେକ ସ୍ଥାନରେ ତିନିଦିନ ଧରି ପାଳିତ ହୁଏ । ସଂକ୍ରାନ୍ତିର ପୂର୍ବଦିନକୁ 'ପହିଲି ମକର' ବା 'ଚାଉଣ୍ଡି' କୁହାଯାଏ । ସଂକ୍ରାନ୍ତି ଦିନକୁ 'ଚାଉଣ୍ଡି' ଓ ତା' ପର ଦିନକୁ 'ଧାଉଁଣ୍ଡି' କୁହାଯାଏ। କେଉଁଠାରେ ସପ୍ତାହରେ ଶେଷ ହୁଏ ପୁଣି କେଉଁଠି ବି ଦୁଇ ସପ୍ତାହ ପାଇଁ 'ମକର ମହୋତ୍ସବ' ପାଳନ କରାଯାଏ । ଏହି ସମୟକୁ ଧାନ, ଆଖୁ, କପା ଓ କେତେକ ପରିବାର ଅମଳ ବି ଶେଷ ହୋଇଯାଏ । ଏଇଥି ପାଇଁ ଗ୍ରାମର ଚାଷୀକୁଳ ଆନନ୍ଦରେ ଥାଆନ୍ତି ।

ପୁରାଣରେ କୁହାଯାଇଛି 'ସୂର୍ଯ୍ୟ' ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସମ୍ମିଶ୍ରିତ ଶକ୍ତି । ବିଜ୍ଞାନରେ ବି କୁହାଯାଇଛି - 'ସୂର୍ଯ୍ୟ ସକଳ ଶକ୍ତିର ଆଧାର'। ସୂର୍ଯ୍ୟଙ୍କର କିରଣ ମନୁଷ୍ୟର ସ୍ୱାସ୍ଥ୍ୟ ଓ ଶରୀର ପାଇଁ ଅତ୍ୟନ୍ତ ଜରୁରୀ । ସୂର୍ଯ୍ୟଙ୍କର ସିଧା ପ୍ରଭାବ ପ୍ରତ୍ୟେକ ମନୁଷ୍ୟଙ୍କ ଉପରେ ସଂକ୍ରାନ୍ତି ଦିନ ଅଧିକ ପଡ଼ିଥାଏ । ସୂର୍ଯ୍ୟଙ୍କର ଏହି ଅଲୌକିକ ଶକ୍ତି (ଉର୍ଜା) ପ୍ରତ୍ୟେକ ପ୍ରାଣୀଙ୍କର ଶରୀର ଉପରେ ଶକ୍ତି ରୂପରେ ବିରାଜମାନ କରିଥାଏ । ସୂର୍ଯ୍ୟ ପୂଜାକୁ ଗୁରୁତ୍ୱ ଦେବାପାଇଁ ଅନେକ ପୁରାଣର ଆଖ୍ୟାୟିକା ମାନ ରହିଛି । ଯେ ପରି କି ଶ୍ରୀରାମଙ୍କ ପୂର୍ବ ବଂଶଧର ମହାରାଜା 'ରାଜ୍ୟବର୍ଦ୍ଧନ' ସୂର୍ଯ୍ୟ ପୂଜା କରି ଦୀର୍ଘ ଆୟୁ ପାଇଥିଲେ । ସେହିପରି ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ସୂର୍ଯ୍ୟ ଉପାସନା କରି କୁଷ୍ଠରୋଗରୁ ମୁକ୍ତି ପାଇଥିଲେ । ବିଜ୍ଞାନ ଦୃଷ୍ଟିକୋଣରୁ ସୂର୍ଯ୍ୟଙ୍କଠାରୁ ଆମେ ଆଲୋକ ଓ ଉତ୍ତାପ ପାଇବା ଯୋଗୁଁ ଆମର ଖାଦ୍ୟ ଜୀର୍ଣ୍ଣ ହୋଇଥାଏ । ଏଣୁ ସଂକ୍ରାନ୍ତି ଦିନ ସକାଳେ ସୂର୍ଯ୍ୟୋଦୟ ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତି ନଦୀ, ପୋଖରୀ ସମୁଦ୍ର ବା ଝରଣାରେ ବୁଡ଼ ପକାଇ ସୂର୍ଯ୍ୟଙ୍କୁ ଆବାହନ ପୂର୍ବରୁ ଅର୍ଘ୍ୟ ପ୍ରଦାନ କରନ୍ତି ଓ ନିବେଦନ କରି କହନ୍ତି- 'ହେ! ସୂର୍ଯ୍ୟ ସହସ୍ରାଂଶୁ, ତେଜି ରାଶୌ ଜଗତ୍ପତେ ।

ଅନୁକମୋୟାଂ ଭକ୍ତ୍ୟା, ଗ୍ରହଣାର୍ଘଂ ଦିବାକର । ଏହି ମକର ପର୍ବରେ 'ମକର ଚାଉଳ' ତିଆରି କରି ସୂର୍ଯ୍ୟ ଓ ବିଭିନ୍ନ ଦେବାଦେବୀମାନଙ୍କୁ ଅର୍ପଣ କରିବା ସହ ପ୍ରତ୍ୟେକ ମହା ଆନନ୍ଦରେ ମକର ସେବନ କରିଥାନ୍ତି । ନିକଟରେ ଅମଳ ହୋଇଥିବା ଅରୁଆ ଚାଉଳକୁ ବତୁରାଇ ସେଥିରେ ନଡ଼ିଆ କୋରା, ଛେନା, ଗୁଡ଼, ଆଖୁ, କ୍ଷୀର, ଦହି ଆଦି ପକାଇ ମକର ଚାଉଳ କରାଯାଏ । ମକରରେ 'ମକର ଚାଉଳ' ଖାଇବା ବିଧି ରହିଛି । ଏହି ମକର ଚାଉଳ ପିତ୍ତ ନାଶକ ଓ ଗ୍ୟାସ ଜନିତ ସମସ୍ତ ରୋଗ ନିବାରଣ କରିଥାଏ । ଏହି ଦିନ ରାଶି କୋରା, ରାଶି ଲଡୁ ଖାଇବାର ବିଧି ରହିଛି ଓ ପ୍ରତ୍ୟେକ ଲୋକ ଏହାକୁ ଆନନ୍ଦରେ ଖାଇଥାନ୍ତି । ରାଶି ଓ ଗୁଡ଼ ଖାଇବାର ବୈଜ୍ଞାନିକ କାରଣ ବି ରହିଛି । ଶୀତଦିନେ ରାଶି ଓ ଗୁଡ଼ର ବ୍ୟଞ୍ଜନ ଅଭ୍ୟାସ କଲେ ଶରୀରକୁ ଉଷ୍ଣତା ଆସିଥାଏ । ରାଶି ତେଲକୁ ଶରୀର ଓ ମସ୍ତକରେ ମର୍ଦ୍ଦନ ଓ ଲେପନ କଲେ ତାହା ଶରୀରକୁ ଗରମ ରଖିବା ସହ ଶରୀର ଚିକ୍କଣ ଓ ସୁନ୍ଦର ହୋଇଥାଏ । ସ୍ନାନ ଜଳରେ ରାଶି, ଅଂଳା ପକାଇ ସ୍ନାନ କରିବା ବି ଭଲ । ପୁଣି ମକର ସଂକ୍ରାନ୍ତି ଦିନ ଅରୁଆ ଚାଉଳ, ଗୁଡ଼, ରାଶି ଓ ଡାଲି ଇତ୍ୟାଦିକୁ ଭୋଜନରେ ସାମିଲ କରାଯାଏ । କାରଣ ଏହା ପୁଷ୍ଟିକର ଖାଦ୍ୟ ହେବା ସହ ଶରୀର ପାଇଁ ହିତକର ବି ହୋଇଥାଏ । ଏହି ପବିତ୍ର ଦିନରେ ଗରିବ, ଭିକାରୀ ଓ ବ୍ରାହ୍ମଣଙ୍କୁ ବସ୍ତ୍ର, ଫଳ, ତିଳ ଓ ମୂଳ ଦାନ ଦ୍ୱାରା ବ୍ୟକ୍ତି, ନିରୋଗ ଓ ଦୀର୍ଘାୟୁ ବି ହୋଇଥାଏ ବୋଲି ଧାର୍ମିକ ବିଶ୍ୱାସ ରହିଛି । ମକର ଦିନ ଭୋଗକୁ ଠାକୁର ନିକଟରେ ଅର୍ପଣ କରି ପରିବାରର ସମସ୍ତେ ଖାଇବା ସହ, ପଡ଼ୋଶୀ ବନ୍ଧୁ, ଅତିଥି ସମସ୍ତଙ୍କୁ ଆନନ୍ଦରେ ବଣ୍ଟାଯାଏ । ଏହି ଦିନ କେତେକ ସ୍ଥାନରେ 'ଗୁଡ଼ି ଉଡ଼ା, ଲାଖବନ୍ଧା, କୁକୁଡ଼ା ଗଞ୍ଜା ଲଢ଼େଇ ଓ ସାଧନ ଖେଳର ବି ଆୟୋଜନ ହୁଏ । ଗ୍ରାମରେ ଚାଷୀ ଘରେ ଧାନ ଖଳାରେ କୋର, ଗୌଣି ରଖି ପୂଜା ବି କରନ୍ତି । 'ମକର ଭୋଗ' ବା 'ମକର ଚାଉଳ' ଜଣେ ଅନ୍ୟ ଜଣଙ୍କ ପାଟିରେ ଖୁଆଇ ଦେଇ 'ମକର' ବସାନ୍ତି । ସବୁ ଦୃଷ୍ଟିରୁ ଅର୍ଥାତ୍ ଧାର୍ମିକ, ସାମାଜିକ, ପୌରାଣିକ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ ସାମାଜିକ ଓ ଆଧ୍ୟାତ୍ମିକ ଭିତ୍ତିଭୂମି ଉପରେ ହିଁ 'ମକର ସଂକ୍ରାନ୍ତି' ପର୍ବ ପାଳନ ପ୍ରକ୍ରିୟା ହୋଇଥାଏ ।ଉତ୍କଳ ଭୂମି ସମେତ ସମଗ୍ର ଭାରତର ଲୋକ ଧର୍ମରେ 'ମକର ପର୍ବ' ପାଳନର ପରମ୍ପରା ବିଧି ସୁପ୍ରାଚୀନ । ଏହା ଦ୍ୱାରା ଧାର୍ମିକ ଜୀବନ ନୁହେଁ ବରଂ ସାମାଜିକ ଓ ଗୋଷ୍ଠୀଗତ ଜୀବନ ମଧ୍ୟ ସରସ, ସୁନ୍ଦର ଓ ସୁଖମୟ ହୋଇଥାଏ । ମନ କେବଳ ପ୍ରଫୁଲ୍ଲ ରହେ ନାହିଁ ବରଂ ଶରୀର ବି ନିରୋଗ ହୁଏ । ଏହି ଲୋକାଚାର ଗୁଡ଼ିକ ଲୁକାୟିତ ଭାବରେ ବା ପ୍ରଚ୍ଛନ୍ନ ଭାବରେ ବିଜ୍ଞାନ ଦୃଷ୍ଟିକୋଣରୁ ଆମର ଶାରୀରିକ, ସାମାଜିକ ଓ ସାଂସ୍କୃତିକ ଜୀବନକୁ ନିରବଚ୍ଛିନ୍ନ ଭାବରେ ପୁନର୍ଗଠନ କରିଚାଲିଛି । ଏହାଦ୍ୱାରା ଆମର ଜୀବନ ଚଳନି/ଚଳଣି ଉପରେ ଆତ୍ମ ବିଶ୍ୱାସ ବି ଅଭିଭୂତ ହେଉଛି । ଜୀବନ ହୋଇଛି ପୁଷ୍କଳ, ଶରୀର ହୋଇଛି ସୁସ୍ଥ ଓ ନିରୋଗ ଏବଂ ସମାଜ ହୋଇଛି ସ୍ନେହ, ପ୍ରେମ, ପ୍ରୀତି ଓ ମୈତ୍ରୀରେ ବନ୍ଧା ଏବଂ ସୌହାର୍ଦ୍ଦ୍ୟ ଓ ଭ୍ରାତୃଭାବରେ ଏକ ନିଛକ ପ୍ରତିଛବି ।

'ପ୍ରଜ୍ଞା ନୀଡ଼'
(ବସନ୍ତ ବିହାର) ଶୋଭାରାମପୁର,
ବାଲେଶ୍ୱର-୭୫୬୦୦୧
ମୋ: ୮୮୯୫୯୮୮୮୪

# ବାଲେଶ୍ୱରରେ ଖେଳକୁଦ ବନ୍ଦ ହୋଇଯିବ କି ?



## ସୁବ୍ରତ କର

ଏହାର ସଠିକ୍ ଉତ୍ତର ନେବାକୁ ଗଲେ ମୋତେ ଟିକିଏ ୧୯୮୪ ମସିହାକୁ ଫେରିବାକୁ ପଡ଼ିବ । ଏହି ମସିହାରେ ଜିଲ୍ଲାର କଲେକ୍ଟର ଥିଲେ ଶ୍ରୀ ଈଶ୍ୱର ଚନ୍ଦ୍ର ଦାଶ ଏବଂ ଜିଲ୍ଲାରେ କ୍ରୀଡ଼ା ସଂଘର ସମ୍ପାଦକ ଥିଲେ ଶ୍ରୀ ଅଧିପ ଦାସ ଏବଂ ସେ ଏବେ ମଧ୍ୟ କ୍ରୀଡ଼ା ସଂଘର ସମ୍ପାଦନ ଦାୟିତ୍ୱ ତୁଲାଉଛନ୍ତି । ମୋର ଜାଣିବାରେ ଆମ ସହରରେ ସବୁଠୁ ବଡ଼ ଏବଂ ସୁନ୍ଦର ପଡ଼ିଆ ଥିଲା ପରମିଟ ପଡ଼ିଆ । ଏହା ସହରର ମଝିରେ ଏବଂ ଜିଲ୍ଲାର ଡାକ୍ତରଖାନାକୁ ଲାଗିକରି । ଏହି ସମୟରେ ଥରେ କଲେକ୍ଟର, ଅଧିପ ବାବୁ (ମୋର ଘନିଷ୍ଠ ବନ୍ଧୁ) ଏବଂ ମୁଁ ସହକାରୀ ନିର୍ଦ୍ଦେଶକ (ମସ୍ ବିଭାଗ) ଭାବରେ ଅବସ୍ଥାପିତ ଥିଲି । ଏକାଠି ବସି ଖେଳ ବିଷୟରେ ଆଲୋଚନା କରୁଥିଲୁ। ସେହି ସମୟରେ କଲେକ୍ଟର କହିଲେ (ସଭାପତି ହିସାବରେ) ପୁରୁଣା ଷ୍ଟାଡିୟମକୁ ଜିଲ୍ଲା ସ୍କୁଲକୁ ନେଇ ପରମିଟ ପଡ଼ିଆକୁ ଷ୍ଟାଡିୟମ ବନାଇବା ପାଇଁ । ଅଧିପ ବାବୁ ରାଜି ହେଲେ କିନ୍ତୁ ମୁଁ ଠିକ ଭାବରେ ହଁ ମାରି ପାରିଲି ନାହିଁ । କାରଣ କୌଣସି ବଡ଼ ବା ଭଲ ଖେଳ ପଡ଼ିଆ ସହର ମଝିରେ ଏବଂ ବଡ଼ ଡାକ୍ତରଖାନାକୁ ଲାଗିକରି ହେବା କଥା ନୁହଁ । କିଏ କାହା କଥା ଶୁଣିବେ ? ପୁରୁଣା ଷ୍ଟାଡିୟମକୁ ଜିଲ୍ଲା ସ୍କୁଲକୁ ଦିଆଗଲା ଏବଂ ପରମିଟ ପଡ଼ିଆକୁ ଭବିଷ୍ୟତରେ ଷ୍ଟାଡିୟମ ବନେଇବା ପାଇଁ ଠିକ୍ କରାହେଲା ଏବଂ ସେହି ଅନୁସାରେ ସରକାରଙ୍କଠାରୁ ଯେଉଁ ଅର୍ଥ ଆସିବାକୁ ଲାଗିଲା ସବୁ ପରମିଟ ପଡ଼ିଆରେ ଖର୍ଚ୍ଚ ହେଲା । ଏବଂ ୫୦୦ରୁ ୧୦୦୦ ଲୋକ ବସିବା ପାଇଁ ଗ୍ୟାଲେରୀ ତିଆରି ହେଲା ଏବଂ ତଳେ ଘରଗୁଡ଼ିକ ଭଡ଼ାରେ ଲଗାହେଲା । ଏହି ପଡ଼ିଆରେ ଆମେ ଦେଖିଛୁ ଫୁଟବଲ ରଜା (ଦେଶର) ଚୁନି ଗୋସ୍ୱାମୀ ଏବଂ କ୍ରୀଡ଼ାରେ ମଧ୍ୟ ରଜା ଭଳି ଖେଳୁଆଡ଼ମାନେ ଖେଳ ଖେଳି ଯାଇଛନ୍ତି । ସେହି ପଡ଼ିଆର କିଛି ଅଗ୍ରଗତି ହୋଇପାରି ନାହିଁ ଏବଂ ପୂର୍ବରୁ ହେଉଥିବା ଜାତୀୟ ଏବଂ ରାଜ୍ୟ ସ୍ତରୀୟ ଖେଳ ସେଠାରେ ଦେଖିବାକୁ ମିଳୁ ନାହିଁ। ଏହା ପରେ ମିଶନ ପଡ଼ିଆ ଯାହାର ଟିକିଏ ହେଲେ ବାଦଲା ଅଣା ହୋଇ ପାରି ନାହିଁ। ପୁରୁଣା ଷ୍ଟାଡିୟମଠାରେ ଇନଡୋର ଷ୍ଟାଡିୟମ ହେବା ପରେ ସେଠାରେ ମଧ୍ୟ କିଛି ଉପାୟ ନାହିଁ । ପରବର୍ତ୍ତୀ ପର୍ଯ୍ୟାୟରେ ଆଇ.ଟି.ଆଇ ପଡ଼ିଆରେ କିଛି ଖେଳ ବନ୍ଦ ହେଉଥିଲା କିନ୍ତୁ ଏବେ ସେଠାରେ ମଧ୍ୟ ଇନଡୋର ଷ୍ଟାଡିୟମ ଏବଂ ସୁଇମିଂ ପୁଲ ହେଲା ପରେ ସେଠାରେ ମଧ୍ୟ ଆଉ କୌଣସି ପ୍ରକାରର ଖେଳ କରିବାର ସୁବିଧା ନାହିଁ। ସହରରେ ଏହି ଚାରୋଟି ପଡ଼ିଆ ସରକାରଙ୍କ ଅକ୍ତିଆରରେ ଥିଲେ ମଧ୍ୟ ପୂର୍ବରୁ କିଛି ପ୍ରକାରର ଖେଳ (ଫୁଟବଲ, କ୍ରୀକେଟ ଇତ୍ୟାଦି) ହୋଇପାରୁଥିଲା। କିନ୍ତୁ ଦୁଃଖର କଥା ବାଲେଶ୍ୱରରେ ଥିବା ସମସ୍ତ ଖେଳଆଡ଼ଙ୍କ ମନରେ ଅସ୍ଥିରତା ଆସିଛି ଯେ ସେମାନେ ବିଭିନ୍ନ ପ୍ରକାର ଖେଳ ଖେଳିବେ କେଉଁଠି ? ଏହା ଭିତରେ ଶୀତଦିନ ଆସିଲେ ବିଭିନ୍ନ କାର୍ଯ୍ୟକ୍ରମ (ମେଳା ସହ ମହୋତ୍ସବ) ଆୟୋଜନର ବ୍ୟବସ୍ଥା ହୋଇ ଚାଲିଛି । ଏହିସବୁ କାର୍ଯ୍ୟକ୍ରମ ପ୍ରଦିଦିନ ସରକାରଙ୍କ ତରଫରୁ ହେଉ ବା ଲୋକଙ୍କ ଦ୍ୱାରା ହେଉ ହୋଇଚାଲିଛି । ସମସ୍ତେ ଭୁଲିଯାଇଛନ୍ତି ଏହି ପଡ଼ିଆଗୁଡ଼ିକ ପିଲାମାନଙ୍କ ପାଇଁ ଏବଂ ସେମାନେ ପ୍ରତିଦିନ ଆସି ଅଭ୍ୟାସ କରିବାର କଥା କିନ୍ତୁ ପ୍ରଶାସନ ଏହାକୁ ଭୁଲିଯାଇଛି ଏବଂ ଶେଷରେ ପୁଲିସ ପଡ଼ିଆ ମଧ୍ୟ ବ୍ୟବହୃତ ହେଲା ।



# ଏ ବର୍ଷ ମକରରେ

## ଗିରିଜା ଶଂକର ଶର୍ମା



ମହାକାଶର ସନ୍ଧିକ୍ଷଣରେ
ସୂର୍ଯ୍ୟ ଯେତେବେଳେ କଡ଼
ଲେଉଟାଏ
ଉତ୍ତର ଦିଗକୁ ।
ମକରର ପାନ୍ଥଶାଳାରେ
ବିଶ୍ରାମ ନିଏ କିଛି ସମୟ ।
ଆମେ ଆନନ୍ଦିତ ହେଉ
ଏଥର ମକରରେ
ଆମ ସମୟ ବଦଳିବ
ଶୀତର ସଂତ୍ରାସ କମିବ ।
ଏ ବର୍ଷ ଆମ ଭାଗ୍ୟାକାଶକୁ
ଛୁଇଁବେନି ରାହୁ କେତୁ ।
ପ୍ରିୟ ଲୋକମାନେ, ଆହୁରି ନିଜର
ହେବେ ।


ମହାମିଳନର ପର୍ବ ଏ ମକର
ଭୂଲିଯାଅ ସମସ୍ତେ
ରାଗଦ୍ୱେଷ ଅହଂକାର ।
ଥରେ ଦେଖ ଆଗରେ ଥିବା
ସୁନ୍ଦର ସାମ୍ରାଜ୍ୟ ।
ତୁମେ ଦେଖିବ, ଆମ ହୃଦୟରେ
ଲୁଚିଥିବା
ଅଂଧାର- କେମିତି ନଷ୍ଟ କରିଦିଏ
ଆମ ଶାନ୍ତିକୁ ।
ସଂପର୍କକୁ, ମିତ୍ରତାକୁ ।
ଏଥର ଭୁଲିଯିବା ସବୁ କଳ୍ମଷ ।
ଝାଡ଼ି ଝୁଡ଼ି ହୋଇ
ଆରମ୍ଭ କରିବା ଆମ ଯାତ୍ରା ।

ସୂର୍ଯ୍ୟ ଉଏଁ ସକାଳେ
ସଂଧ୍ୟାରେ ଫେରିଯାଏ ।
ଦିନସାରା ଆଲୋକ ଦେଇ ଆମ
ପୃଥିବୀକୁ ।
ତା ବଦଳରେ ସେ କିଛି ପାଏନା
କିନ୍ତୁ ସମସ୍ତଙ୍କୁ ଆଲୋକିତ କରେ ।
ଆଜି ଏ ମକର ପର୍ବରେ
ସୂର୍ଯ୍ୟଠୁ ଶିଖିବା ଦେବାର ଆନନ୍ଦ
ଦେବାରେ ଆନନ୍ଦ ଅଛି, ନେବାରେ
କାହିଁ ଯେ ?
ଏ ମକରରେ ସମସ୍ତଙ୍କୁ ସ୍ନେହ ପ୍ରେମ
ଦେବା
ସମସ୍ତଙ୍କୁ ଭଲ ପାଇବା, ମିତ୍ରତା
ବାଣ୍ଟିବା
ଆନନ୍ଦରେ ରହିବା, ଆନନ୍ଦିତ ହେବା।

+ଫୁଲେଶ୍ୱରୀ ବିହାର
ପାତ୍ରପଡ଼ା, ଭୁବନେଶ୍ୱର
ମୋ: ୮୯୧୭୪୯୪୦୯୫

# ଜଣେ ଈଶ୍ୱରଙ୍କ ଜନ୍ମ ହେବାର ବେଳ

## ଜ୍ଞାନେନ୍ଦ୍ର ପଣ୍ଡା





କେହି ଯଦି ସତରେ ବଞ୍ଚିଛ
ତେବେ ଥରେ ଆସ ଦେଖିବ
ସ୍ୱଚ୍ଛ ଦିବାଲୋକର ଆକାଶ ତଳେ
ତଥାକଥିତ ଶିକ୍ଷିତଙ୍କ ବସ୍ତିରେ
ଓଡ଼ିଆ ଭାଷାର ଶ୍ୱାସରୁଦ୍ଧ ଛଟପଟ ଆତ୍ମା
କେମିତି ଆଜି ପାଣି ଟୋପାଏ ମାଗୁଛି..!

ଦେଖ...ଦେଖିଯାଅ
ଭୂମି ପରେ କେମିତି ଲୋଟୁଛି
ଧୂଳିଧୂସର ରକ୍ତ ଜୁଡୁବୁଡୁ ଦେହ ତା'ର...
ଆସ ଥରୁଟିଏ ଦେଖିଯାଅ... !

ଅଥଚ ଆତତାୟୀ କିଏ ?
ଅର୍ଦ୍ଧମୃତ ଓଡ଼ିଆ ଭାଷା
ତଳେ ପଡ଼ି କ୍ଷୀଣ ସ୍ୱରରେ କହୁଥିଲା
ମୋତେ ନ୍ୟାୟ ଦିଅ...ମୋତେ ନ୍ୟାୟ ଦିଅ !

ଭିଡ଼ ଭିତରେ
ବଢ଼ି ଚାଲିଥିଲା ସଂଖ୍ୟାରେ
କ୍ରମଶଃ କାନ୍ତିଲାଲର ଚରିତ୍ର.. !
ଦଳଟିଏ ବିଦ୍ରୁପ କରି କହୁଥିଲେ...
'ଓଡ଼ିଆ ଏକ୍‌ଟା ସ୍ୱତନ୍ତ୍ର ଭାଷା ନୋୟ..!'
ଅଛୁଆଁ ଏଇ ଓଡ଼ିଆ ଭାଷା, ତାକୁ ଲିଭାଇ ଦିଅ !
ତାକୁ ପୁଣି କି ନ୍ୟାୟ ଦରକାର !

ମୁହଁରେ ତୁଣ୍ଡି ମାରି ଦେଖୁଥିଲେ
ଭାଷା ପ୍ରଚାର ସମିତିର ନାମଧାରୀ
ମିଛ ପୁରୋଧାଗଣ,
ପୁରସ୍କାର ନାମରେ
କିଣି ଆଣିଥିବା ମାନପତ୍ରର ଚେକ୍ ଧାରୀ,
ଅନ୍ଧାରରେ ନିଜ ଭାଷାକୁ ବିକିଦେଇ
ସକାଳେ ନିଜକୁ ସାହିତ୍ୟର
ନିସ୍ୱ ପ୍ରଚାରକ ବୋଲାଉଥିବା କିଛି ପ୍ରତାରକ,
କୋର୍ଟ ପ୍ୟାଣ୍ଟ ପରିହିତ ଦଳେ ସାହିତ୍ୟ ପ୍ରକାଶକ,
ଏବଂ ଅନ୍ତରାଳରେ ଏ ସବୁ ଦେଖି
ହସିହସି ଗଡି ଯାଉଥିବା ଖୋଦ୍ ରାଜା ଓ ତାଙ୍କ
ଆନୁଗତ୍ୟର ପାରିଷଦ ବର୍ଗ !

ଶାଗୁଣା, ବିଲୁଆ ମଡ଼ ଖାଇବାରେ ଲାଳାୟିତ
ସେମାନଙ୍କ ଆଖିରେ କାହୁଁ ଆସିବ ଆବେଗ ?

ସମସ୍ତେ ଚୁପ୍ ଚାପ୍ !
ଆଶ୍ରାହୀନ ଓଡ଼ିଆ ଭାଷା ଭରସା ଟିକେ ନ'ପାଇ
ବେଶ୍ କରୁଣ ଦିଶୁଥିଲା !

ଭିଡ଼ ଭିତରୁ ଏତିକିବେଳେ ବାହାରି ଆସୁଥିଲେ
ଜଣେ ଜୀର୍ଣ୍ଣଶୀର୍ଣ୍ଣ ଶରୀର ଧାରୀ ଈଶ୍ୱର !

ସେ ଈଶ୍ୱର କହିଉଠିଲେ...
'ବନ୍ଦେ ଉତ୍କଳ ଜନନୀ...
ନା ସେ କହୁନ'ଥିଲେ ବରଂ ସେ ଗର୍ଜୁଥିଲେ ...
ଯେମିତି ସେ ପଞ୍ଚଜନ୍ୟ ଶଙ୍ଖ ଫୁଙ୍କି
ଭାଷା ଯୁଦ୍ଧର ଆହ୍ୱାନ ଦେଉଥିଲେ..!

ଓଃ... ସେ ସ୍ୱର କି ତୀବ୍ର, ବଜ୍ର ଓ ଗମ୍ଭୀର
ଯେଉଁ ସ୍ୱରରେ ଛତ୍ରଭଙ୍ଗ ଦେଉଥିଲେ
ଧୂର୍ତ୍ତ ଶାଗୁଣା ଓ ବିଲୁଆଙ୍କ ଦଳବଳ ।

ଯେମିତି ଈଶ୍ୱରଙ୍କୁ ଚିହ୍ନି ପକଉଥିଲା
ପାଖରେ ଉତ୍କଳ ଜନନୀର ପତାକା ଘୋଡ଼ି
ଥର ଥର କମ୍ପୁଥିବା ପାଗଳଟିଏ,
ପ୍ରଥମ କରି ଅପୂର୍ବ ଚମକ ଆଜି ଖେଳୁଥିଲା
ପାଗଳଟିର ଆଖିରେ...।

ସେ ସବୁ ଶକ୍ତି ସଞ୍ଚୟ କରି ଚିତ୍କାର କରି
କହିଉଠୁଥିଲା...
'ଫକୀରମୋହନ ଆସିଗଲେ... !
'ଫକୀରମୋହନ ଆସିଗଲେ... !

ସେଇ ଜୀର୍ଣ୍ଣଶୀର୍ଣ୍ଣ ଈଶ୍ୱରଙ୍କ କୋଳରେ
ବେଶ୍ ଶାନ୍ତି ଓ ଅଭୟରେ ନିଶ୍ୱାସ ମାରୁଥିଲା
ମୋ ମାଆ ଓଠର 'ପ୍ରଥମ ଓ ଶେଷ ଭାଷା' ।

ପଥଧାରରେ ଶୋଇଥିବା ଅଜ୍ଞାତ ଚରିତ୍ର ସବୁ
ଅଣ୍ଟା ସଳଖି ଛିଡ଼ା ହେଉଥିଲେ...
ଧୀରେ ଧୀରେ ବଦଳି ଯାଉଥିଲା
ସେମାନଙ୍କ ଚେହେରା
ସେମାନେ ଏଥର ଦିଶୁଥିଲେ ଜଣେ ଜଣେ...

ରାଧାନାଥ, ମଧୁସୂଦନ, ଗୌରୀଶଙ୍କର
ଓ ସେମାନଙ୍କ ଭଳି ଅନ୍ୟ ମାନେ...

ସକାଳକୁ ସମ୍ବାଦପତ୍ରର ମୁଖ୍ୟ ପୃଷ୍ଠାରେ
ଚିତ୍ରିତ ହୋଇଥିଲା
'ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷା' ର
ପ୍ରମାଣପତ୍ର ।
ମୋ ଆଖିରେ ଉତୁରୁଥିଲା
ସେଇ ଈଶ୍ୱର ମାନଙ୍କ ଆଖିର ଅବଶିଷ୍ଟ ଲୁହ..!

ପଢୁପଢୁ ସେ ଲୁହରେ ଭିଜି ଯାଉଥିଲା
ସମ୍ବାଦପତ୍ରର ମୁଖ୍ୟ ପୃଷ୍ଠା,
ପାଖ ପଡ଼ୋଶୀ ଘରେ ନୂଆ ବିଦ୍ୟାର୍ଥୀଟିଏ
ଖଣ୍ଡି ଖଣ୍ଡି ଗଳାରେ ଘୋଷୁଥିଲା...
'ଅରଣା ମଇଁଷି ରହିଛି ଅନାଇ
ମଇଁଷିର ପାଖ ନ' ଯାଅ ଦନାଇ'...

+ସଲ୍ଟରୋଡ, ସୁନ୍ଦରୀ, ସୁନହଟ ବାଲେଶ୍ୱର-୨
(ମୋ) ୯୮୬୧୧୧୬୩୮୦

## ମକର ସଂକ୍ରାନ୍ତି

ପୁଷ୍ପାଞ୍ଜଳି ପଣ୍ଡା



ପିତା ପୁତ୍ରଙ୍କର ମିଳନ ପରବ
ଉତ୍ତରାୟଣର କଥା
ସୂର୍ଯ୍ୟ ଦେବଙ୍କର ମକରରାଶିରେ
ଶନିଙ୍କ ଭେଟ ଗାଥା।
ରାତ୍ରି ଘୋଟିଯାଏ ଅସୁର ପରାଏ
ଦିବସ ଦେବତା ପାଇଁ
ପୁଣ୍ୟ ଏ ସଂକ୍ରାନ୍ତି ଯେ ବୁଡ଼ ପକାନ୍ତି
ରୋଗ ଦୁଃଖ ଦୂର ହୋଇ।
ମକର ଚାଉଳ ଛେନା ନଡ଼ିଆରେ ,
ତିଳ ଲଡୁ ଓ କଦଳୀ
ଭକ୍ତି ରେ ନୈବେଦ୍ୟ ବାଢି ସୂର୍ଯ୍ୟ ଦେବ
ସରବେ ହୁଅନ୍ତି ମେଳି।
ମକରରେ ବକ୍ର ଗତି ଦିନପତି
ଆଲୋକିତ ଧରା କରି
ମକର ମିଳନେ ଆନନ୍ଦ ମଗନେ
ବର୍ଷି ଯାନ୍ତି କୃପା ବାରୀ।
ଗଙ୍ଗା କରିଥିଲେ ଧରାବତରଣ
ସଗରଙ୍କ ବଂଶ ଲାଗି
ଟୁସୁଦେବୀ ପୂଜା ପାଇଥାନ୍ତି ଆଜି
ସତୀତ୍ୱର ସହଭାଗୀ।
ମକର ବସିବା ବନ୍ଧୁତା ବାଢ଼ିବା
ବଢ଼ିବ ସଂସ୍କୃତି ଆମ
ଆମର ପରବ ଆମର ଗରବ
ମକର ସଂକ୍ରାନ୍ତି ନାମ।

+କେନ୍ଦ୍ରାପଡା

# ଭାଇଚାରାର ପର୍ବ ମକର

## ବୈଷ୍ଣବ ମେହେର



ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଉତ୍ତରାୟଣ ହୋଇ ଧନୁ ରାଶିରୁ ମକର ରାଶିକୁ କ୍ରମଶଃ ଗମନ କରିଥାନ୍ତି । ଏହି ଦିନ ସୂର୍ଯ୍ୟ ଉତ୍ତରଦିଗକୁ ଯାତ୍ରା କରି ଛଅମାସ ଅବସ୍ଥାନ କରୁଥିବା ବେଳେ ଏହି ସମୟରେ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ ଓ ମନ୍ଦିର ପ୍ରତିଷ୍ଠା ଆଦି ଶୁଭ କର୍ମ ପାଇଁ ପ୍ରକୃଷ୍ଟ ସମୟ ବୋଲି ଧରାଯାଏ । ଏହି ସମୟରେ କରାଯାଉଥିବା ପୁଣ୍ୟ କର୍ମର ଶହେ ଗୁଣ ଭଲ ଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ । ଆଲୋକ, ଜୀବନ ଓ ସକଳ ଶକ୍ତିର ଆଧାର ସୂର୍ଯ୍ୟଙ୍କୁ ବିଶେଷତଃ ହିନ୍ଦୁ ପରମ୍ପରା ଅନୁଯାୟୀ ମକର ସଂକ୍ରାନ୍ତି ତିଥିରେ ପୂଜାର୍ଚ୍ଚନା କରାଯାଏ । ସୂର୍ଯ୍ୟଙ୍କ ଉପାସନା ଦ୍ୱାରା ଶାରୀରିକ, ଭୌତିକ ଓ ମାନସିକ ସମସ୍ୟାରୁ ମୁକ୍ତି ମିଳିଥାଏ । ମକର ସଂକ୍ରାନ୍ତିରୁ ପ୍ରକୃତିରେ କ୍ରାନ୍ତିର ପ୍ରାରମ୍ଭ ହେବା ସହ ଦିବ୍ୟ ବାତାବରଣ ସୃଷ୍ଟି ହୋଇ ଜନଜୀବନରେ ନୂତନ ଉନ୍ମାଦନା ଓ ଆଶାର ସଂଚାର ହେଉଥିବାରୁ ମଣିଷ ଜୀବନ ଉପରେ ମକର ସଂକ୍ରାନ୍ତି ପର୍ବର ବହୁଳ ପ୍ରଭାବ ରହିଛି ।

ମକର ସଂକ୍ରାନ୍ତିକୁ ନେଇ ଭାରତୀୟ ସଂସ୍କୃତିରେ ଏକାଧିକ ବିଶ୍ୱାସ ରହିଛି । ଏହି ଦିନ ଗଙ୍ଗାମାତା ଭାଗୀରଥିଙ୍କ ପଛେପଛେ ଆସି ସାଗରରେ ମିଶିଥିଲେ। ଏହି ତିଥିରେ ମାତା ଯଶୋଦା ଶ୍ରୀକୃଷ୍ଣଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ । ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ସମୟରେ ଯେଉଁ ମାନଙ୍କର ପରଲୋକ ଘଟିଥାଏ, ସେମାନଙ୍କର ସ୍ୱର୍ଗଲୋକ ପ୍ରାପ୍ତ ହୁଏ ବୋଲି ମଧ୍ୟ ବିଶ୍ୱାସ କରାଯାଏ । ସେଥିପାଇଁ ସୂର୍ଯ୍ୟ କର୍କଟ କ୍ରାନ୍ତିରେ ଥିବା ଯୋଗୁଁ ଇଚ୍ଛାମୃତ୍ୟୁ ବରଦାନ ପାଇଥିବା ପିତାମହ ଭୀଷ୍ମ ଯୁଦ୍ଧଭୂମୀରେ ଶରଶଯ୍ୟାରେ ପଡ଼ି ରହି ଶରୀର ତ୍ୟାଗ ପାଇଁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ବା ମକର ସଂକ୍ରାନ୍ତିକୁ ଅପେକ୍ଷା କରିଥିଲେ । ଏହି ଦିନ ଚାଉଳ ଓ ଡାଲିରେ ତିଆରି ଖେଚେଡ଼ି ଖାଇବାର ସ୍ୱତଂତ୍ର ମହତ୍ତ୍ୱ ରହିଛି । ଚାଉଳକୁ ଚଂଦ୍ରମା ଓ ଡାଲିକୁ ଶନିଙ୍କ ପ୍ରତୀକ ଭାବରେ ଗ୍ରହଣ କରାଯାଏ । ସେହିପରି ଅନ୍ୟ ସବୁଜ ପରିବା ଗୁଡ଼ିକୁ ବୁଧଙ୍କ ପ୍ରତୀକ କୁହାଯାଏ । ଏସବୁର ସଂପର୍କ ମଙ୍ଗଳ ଓ ସୂର୍ଯ୍ୟଙ୍କ ସହ ରହିଥିବାରୁ ଏହି ସବୁର ଖେଚେଡ଼ି ସେବନ କଲେ ଏଥିସହ ସଂପର୍କିତ ଗ୍ରହଙ୍କ ସକରାତ୍ମକ ପ୍ରଭାବ ବ୍ୟକ୍ତିର ଜୀବନ ଉପରେ ପଡୁଥିବା ବିଶ୍ୱାସ କରାଯାଏ । ଏକ ପୌରାଣିକ କଥାବସ୍ତୁ ଅନୁଯାୟୀ ମକର ସଂକ୍ରାନ୍ତିରେ ରାଶି ଖାଇବାର ଅନନ୍ୟ ପରମ୍ପରା ବହୁଦିନରୁ ଚାଲିଆସିଛି । ଅନ୍ୟପକ୍ଷରେ ବୈଜ୍ଞାନିକ ଦୃଷ୍ଟି କୋଣରୁ ଯଦି ବିଚାର କରାଯାଏ ତେବେ ଏହି ସମୟରେ ଦେଶର ଅନେକ ସ୍ଥାନରେ ଶୀତ ଲହରୀ ଜାରି ରହିଥିବାରୁ ପ୍ରବଳ ଶୀତ ଅନୁଭୁତ ହେଉଥାଏ, ପୁନଶ୍ଚ ସୂର୍ଯ୍ୟ ଗୋଟିଏ ରାଶିରୁ ଅନ୍ୟ ଗୋଟିଏ ରାଶିକୁ ଗତି କଲେ ପାଣିପାଗରେ ମଧ୍ୟ ପରିବର୍ତ୍ତନ ଆସିଥାଏ । ଫଳରେ ଏହି ସମୟରେ ନାନା ରୋଗ ବ୍ୟାଧିର ଆଶଙ୍କା ରହିଥାଏ । ଅନ୍ୟପକ୍ଷେ ରାଶି ଓ ଖେଚେଡ଼ିରେ ଅନେକ ପୋଷକ ତତ୍ତ୍ୱ ରହିଥିବାରୁ ଏହା ଶରୀରକୁ ଗରମ ରଖିବା ସହ ରୋଗ ପ୍ରତିରୋଧକ କ୍ଷମତାକୁ ବୃଦ୍ଧି କରିଥାଏ । ମକର ସଂକ୍ରାନ୍ତିରେ ଶ୍ରୀମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କ ମଙ୍ଗଳ ଆଳତି ଓ ଅବକାଶ ନୀତି ପରେ ଶ୍ରୀଜିଉ ମାନଙ୍କର ପଟା ପହରଣ କରାଯାଇ ମକର ଲାଗି କରାଯାଏ । ଏହା ପରେ କର୍ପୂର ଲାଗି ହୋଇ ଶ୍ରୀବିଗ୍ରହ ମାନଙ୍କୁ ବେଶ କରାଯାଇଥାଏ । ବିଶ୍ୱାସ ଅନୁସାରେ ମକର ସଂକ୍ରାନ୍ତିରେ ଜଗନ୍ନାଥଙ୍କ ଦର୍ଶନ ଦ୍ୱାରା ରାଜସୂୟ ଯଜ୍ଞର ଆଳତୀ ପ୍ରାପ୍ତିର ସୌଭାଗ୍ୟ ଲାଭ କରିହୁଏ। ଭାରତର ବିଭିନ୍ନ ଭାଗରେ ମକର ସଂକ୍ରାନ୍ତିକୁ ଭିନ୍ନଭିନ୍ନ ନାମରେ ପାଳନ କରାଯାଇଥାଏ । ଓଡ଼ିଶା ସମେତ ଗୋଆ, ହରିଆଣା, ବିହାର, ଝାରଖଣ୍ଡ, ମଧ୍ୟପ୍ରଦେଶ, ରାଜସ୍ଥାନ, ଆଦିରେ ମକର ସଂକ୍ରାନ୍ତି ଓ କର୍ଣ୍ଣାଟକ, କେରଳ, ଆଂଦ୍ର ପ୍ରଦେଶରେ ସଂକ୍ରାନ୍ତି ପର୍ବ ଭାବରେ ପାଳନ କରାଯାଉଥିବା ବେଳେ ତାମିଲନାଡୁରେ ପୋଙ୍ଗଲ, ପଞ୍ଜାବରେ ଲୋହଡ଼ି, ହରିଆଣା ଓ ହିମାଚଳ ପ୍ରଦେଶରେ ମାଘି ଓ ଉତ୍ତର ପ୍ରଦେଶ ଓ ପଶ୍ଚିମ ବିହାରରେ ଏହାକୁ ଖିଚିଡ଼ ସଂକ୍ରାନ୍ତି ଭାବରେ ପାଳନ କରାଯାଇଥାଏ । ସେହିପରି ବଙ୍ଗରେ ପୌଷ ସଂକ୍ରାନ୍ତି, କାଶ୍ମୀରରେ ଶିଶୁର୍ ସଂକ୍ରାନ୍ତି ଏବଂ କର୍ଣ୍ଣାଟକରେ ମକର ସଂକ୍ରାନ୍ତି, ତିଲୁଡ୍ ପର୍ବ ଭାବେ ଜଣାଯାଏ ।

ମକର ସଂକ୍ରାନ୍ତି କେବଳ ଏକ ପାରମ୍ପରିକ ପର୍ବ ନୁହେଁ, ବରଂ ଭାରତୀୟ ସମାଜରେ ଭାଇଚାରା ସୃଷ୍ଟି ସହ ପରସ୍ପର ମଧ୍ୟରେ ସ୍ନେହ ପ୍ରେମ ଉଜ୍ଜିବିତ କରିବାରେ ଏହି ପର୍ବର ପ୍ରମୁଖ ଭୂମିକା ସର୍ବଦା ରହିଆସିଛି । ଏହି ପର୍ବରେ ମକର ଚାଉଳର ବିଶେଷ ମହତ୍ତ୍ୱ ରହିଥିବା ବେଳେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ପରସ୍ପରକୁ ମକର ଚାଉଳ ଦେଇ ମକର ବା ବନ୍ଧୁ ବସିବାର ନିଆରା ପରମ୍ପରା ଭାରତୀୟ ସମାଜରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ତିଆରିରେ ବେଶ ସହାୟକ ହୋଇପାରିଛି ।

+ସିନାପାଲି, ନୂଆପଡ଼ା

## ଆସ ବସିବା ମକର

ନିରଞ୍ଜନ ସାହୁ

ପଞ୍ଜିକା ଭାଷିଲା ମକର ଆସିଲା
ସୂର୍ଯ୍ୟଙ୍କର ଗତି ବକର ହେଲା
ଦକ୍ଷିଣାୟନର ପରିସମାପ୍ତିରେ
ଉତ୍ତରାୟଣର ଖବର ଦେଲା ।

ଏଣିକି ଯେ ଦିନ ଧୀରେ ବଡ଼ ହେବ
ରାତି ଯେ କ୍ରମଶଃ ହୋଇବ ସାନ
ଶୁଭକର୍ମ ପାଇଁ ହେଲା ଅନୁକୂଳ
ଅବଧାନ କଥା ଏଣିକି ମାନ ।

ମକର ଚାଉଳ ଭୋଗ ଲଗାଯିବ
ଦିଅଁଙ୍କ ନିକଟେ ଏହି ପରବେ
ମକର ଚାଉଳ ଖୁଆଖୋଇ ହୋଇ
ମକର ବସିବା ଆସ ଗରବେ ।

ବନ୍ଧୁତା କରିବା ସଙ୍ଗାତ ବସିବା
ଆପଦେ ବିପଦେ ହୋଇବା ସାହା
ସୁଖ ସମୟରେ ସୁଖକୁ ବାଣ୍ଟିବା
ବିପଦ ସମୟେ କରିବା ଆହା ।

ବନ୍ଧୁ ଆଗେ ସିନା ମନ ଖୋଲିଦେଇ
କହି ଦେଇ ହୁଏ ହୃଦୟ କଥା
ଉତ୍ସବେ, ବ୍ୟସନେ, ଦୁର୍ଭିକ୍ଷେ, ଶ୍ମଶାନେ
ରାଜଦ୍ୱାରେ ଥାଏ ବନ୍ଧୁଟି ଯଥା ।

ବନ୍ଧୁତାର ହାତ ବଢ଼ାଇ ଥିବା ଯେ
ହାତ ଛାଡ଼ିବାନି କଦାପି ଆମେ
ମକର ବସିବା ଭାବରେ ରସିବା
ଡକାଡକି ହେବା ମକର ନାମେ ।

+ନିହଳ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ: ୯୯୩୮୭୪୧୫୮୩

# ମକର ସଂକ୍ରାନ୍ତି

## କାଳି ଦାସ

ମକର ସଙ୍କ୍ରାନ୍ତି ପ୍ରାୟ ପ୍ରତିବର୍ଷ ଜାନୁୟାରୀ ୧୪ବା ୧୫ତାରିଖ ରେ ପଡିଥାଏ। ଭାରତର ପ୍ରତିଟି ପ୍ରଦେଶ ରେ ଲୋକ ମାନେ ଭିର୍ନ୍ନ ଭିର୍ନ୍ନ ଭାବରେ ମକର ସଂକ୍ରାନ୍ତି ପାଳନ କରିଥାନ୍ତି ।ରାଶି,ଗୁଡ ଓ ଚାଉଳର ଉତ୍ପାଦନ ଏହି ସମୟ ରେ ହୋଇଥାଏ ।ଲୋକମାନେ ଏଥିରେ ଭିର୍ନ୍ନ ଭିର୍ନ୍ନ ପ୍ରକାର ମିଠାଇ ତିଆରି କରିଥାନ୍ତି ।ପରସ୍ପର କୁ ଖୁଆଇ ଥାନ୍ତି ।ଧରିତ୍ରୀର ଜୀବ ଜଗତଙ୍କୁ ଦେଉଥିବା ଅପୂର୍ବ ଦାନ ପାଇଁ ଧରିତ୍ରୀ ମା କୁ ସମ୍ମାନ ଦେବାର ସମୟ ହେଉଛି ମକର ସଂକ୍ରାନ୍ତି।

ଭଗବତ ଗୀତା ରେ ଅଛି "ଅନ୍ନାଦ ଭବନ୍ତି ଭୂତାନି ପର୍ଜନ୍ୟାଦ ଅନ୍ନ ସମ୍ଭବ ........ ଯଜ୍ଞାଦଭବତି ପର୍ଜନ୍ୟା ଯଜ୍ଞ କର୍ମସମୁଦ ଭବ"ଏହାର ଅର୍ଥ ହେଲା ଅନ୍ନରୁ ପ୍ରାଣୀ ଜଗତର ଉତ୍ପତି ହୋଇଛି, ଅନ୍ନର ଉତ୍ପତି ବର୍ଷାରୁ ହୋଇଥାଏ ଏବଂବର୍ଷା ଯଜ୍ଞ କର୍ମରୁ ହୋଇଥାଏ। ସେଥିପାଇଁ ସବୁଠାରୁ ମୂଳରେ ରହିଛି ଯଜ୍ଞ କର୍ମ।

ସୂର୍ଯ୍ୟ ସକଳ ଶକ୍ତିର ଆଧାର ତେଣୁ ସୂର୍ଯ୍ୟଙ୍କ ଗତିକୁ ନେଇ ପାଳନ କରାଯାଏ ମକର ସଂକ୍ରାନ୍ତି। ମକର ସଙ୍କ୍ରାନ୍ତି କୁ ଭିର୍ନ୍ନ ଭିର୍ନ୍ନ ସ୍ଥାନ ରେ ଭିର୍ନ୍ନ ଭିର୍ନ୍ନ ନାମ ରେ ଜଣାଯାଏ। ଯେମିତିକି ମାଘ ସଂକ୍ରାନ୍ତି, ତିଳ ସଂକ୍ରାନ୍ତି, ମେଷ ସଂକ୍ରାନ୍ତି ଇତ୍ୟାଦି। ସୂର୍ଯ୍ୟ ଏହି ସମୟରେ ଉତ୍ତରାୟଣ ହୋଇଥାନ୍ତି ।ଏବଂ ମକର ରାଶିରେ ପ୍ରବେଶ କରନ୍ତି। ଭାରତୀୟଙ୍କ ପାଇଁ ଉତ୍ତରାୟଣ ଏକ ପବିତ୍ର ସମୟ।

ଭାରତୀୟ ମାନଙ୍କର ବିଶ୍ୱାସ ଅଛି ଯେ ଗ୍ରହ, ନକ୍ଷେତ୍ର, ସୂର୍ଯ୍ୟ, ଓ ଚନ୍ଦ୍ରଙ୍କ ଗତି ମଣିଷର ଜୀବନ ଉପରେ ପ୍ରଭାବ ପାକଇଥାଏ। ପ୍ରକୃତି ଉପରେ ମଧ୍ୟ ବେଶ ପ୍ରଭାବ ପକାଇଥାଏ।

ଆମେ ଆମ ଦୈନଦିନ ଜୀବନ ରେ ଦେଖୁ ଯେ ପ୍ରତ୍ୟେକ ବର୍ଷର ଫସଲର ଆମଦାନୀ କିମ୍ବା ଫଳ ଓ ପରିବାର ଉତ୍ପାଦନ ପ୍ରତ୍ୟେକ ବର୍ଷ ଠାରୁ ଆଲଗା। କେଉଁ ବର୍ଷ ଭଲ ଆମ୍ବ ଫଳିଲା ତ କେଉଁ ବର୍ଷ ଭଲ ଟମାଟ। ପ୍ରତ୍ୟେକ ଫସଲର ଆମଦାନୀ ବା ଉତ୍ପାଦନ ଆମର ପ୍ରକୃତି ଓ ପରିବେଶ ଉପରେ ନିର୍ଭରଶୀଳ ତେଣୁ ଭାରତୀୟଙ୍କ ପାଇଁ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଗତି ମହତ୍ୱପୂର୍ଣ୍ଣ।

ମକର ସଂକ୍ରାନ୍ତିର ଆଗମନ ସହିତ ଶୀତ ଦିନ ସରିଯାଏ। ମକର ସଂକ୍ରାନ୍ତି ଗରମ ଦିନର ସ୍ପର୍ଶ ଧରି ଆସେ। ଅନେକତା ଭିତରେ ଏକତାର ଦେଶ ଭାରତ ତାର ପ୍ରତିଟି ପ୍ରଦେଶ ବା ରାଜ୍ୟ ପ୍ରତ୍ୟେକ ପର୍ବକୁ ନିଜ ହିସାବରେ ପାଳନ କରିଥାନ୍ତି। ଭାରତ ଗୋଟିଏ କୃଷି ପ୍ରଧାନ ଦେଶ ତେଣୁ ପ୍ରାୟତଃ ଆମର ପର୍ବ ପର୍ବାଣି ଆମ କୃଷି ଓ ଉତ୍ପାଦନକୁ ନେଇ ହୋଇଥାଏ। ମକର ସଂକ୍ରାନ୍ତି ସମୟରେ ରାଶି ଓ ବାଦାମ ମଧ୍ୟ ଆଦାୟ ହୋଇଥାଏ।

ପଞ୍ଜାବରେ ଲୋକମାନେ ମକର ସଂକ୍ରାନ୍ତିର ପୂର୍ବ ରାତିରେ ଲୋଡି ଜଳାଇ ଥାନ୍ତି ଏବଂ ସେଥିରେ ନୂଆ ଆଦୟ ହୋଇଥିବା ବାଦାମ ଓ ରାଶି ରେ ତିଆରି ହୋଇଥିବା ମିଠା ପକାଇଥାନ୍ତି।

ମକର ସଂକ୍ରାନ୍ତିରେ ସୂର୍ଯ୍ୟଙ୍କୁ, ବିଷ୍ଣୁଙ୍କୁ ଓ ଲକ୍ଷ୍ମୀଙ୍କୁ ପୂଜା କରାଯାଇଥାଏ। ସୂର୍ଯ୍ୟ ସକଳ ଶକ୍ତିର ଆଧାର, ବିଷ୍ଣୁ ସୃଷ୍ଟିକର୍ତ୍ତା ଓ ଲକ୍ଷ୍ମୀ ସୁଖ,ସମୃଦ୍ଧିର ଦେବୀ। ଏଇ ତିନି ଜଣଙ୍କର ଆଶୀର୍ବାଦ ମଣିଷ ଜୀବନରେ ପୂର୍ଣ୍ଣତା ଆଣିଦିଏ। ମକର ସଂକ୍ରାନ୍ତିରେ ଲୋକମାନେ ପବିତ୍ର ନଦୀର ଜଳ ଯେମିତି ଗଙ୍ଗା, ଯମୁନା, ଗୋଦାବରୀ, କାବେରୀ ବା ତ୍ରିବେଣୀ ରେ ଗାଧୋଇ ପବିତ୍ର ହୋଇ ଦେବ ଆରାଧନା କରିଥାନ୍ତି। ଦାନ ଧର୍ମରେ ହିନ୍ଦୁ ଧର୍ମର ବିଶ୍ୱାସ ରହିଛି ତେଣୁ ଏହିଦିନ ଲୋକମାନେ ଦାନ ମଧ କରିଥାନ୍ତି।

ଦକ୍ଷିଣ ଭାରତରେ ମକର ସଂକ୍ରାନ୍ତିକୁ ପୋଙ୍ଗଲ କୁହାଯାଏ। ଦକ୍ଷିଣ ଭାରତରେ ତିନି ଦିନ ଧରି ପୋଙ୍ଗଲ ପାଳନ କରାଯାଇଥାଏ। ପ୍ରଥମ ଦିନକୁ ଭୋଗୀ ପୋଙ୍ଗଲ କୁହାଯାଏ। ରାତିରେ ଘର ବାହାରରେ ନିଆଁ ଲଗାଯାଏ ଛୋଟ ପିଲାମାନେ ଛୋଟ ଛୋଟ ଢୋଲ ବା ଭୋଗୀ କାଟ୍ଟୁକୁ ବଜାଇ ନିଆଁର ଚାରିପଟେ ବୁଲି ନାଚନ୍ତି ଏବଂ ଇନ୍ଦ୍ରଙ୍କୁ ପୂଜା କରାଯାଏ। ଦ୍ୱିତୀୟ ଦିନ ସୂର୍ଯ୍ୟଙ୍କୁ ପୂଜା କରାଯାଏ। ତେଣୁ ସୂର୍ଯ୍ୟ ପୋଙ୍ଗଲ କୁହାଯାଏ। ନୂଆ ଚାଉଳର ଖିରି ଘରେ ଘରେ ତିଆରି ହୁଏ ଏବଂ ଦେବ ଦେବୀଙ୍କୁ ଅର୍ପଣ କରାଯାଇଥାଏ। ଘରକୁ ସଫା ସୁତରା କରି ଘର ବାହାରେ ଚିତା ମୁରୁଜ ବା ରଙ୍ଗୋଲି ତିଆରି କରାଯାଏ। ପୋଙ୍ଗଲରେ ଗାଈକୁ ପୂଜା କରାଯାଏ। ପୋଙ୍ଗଲ ସମଗ୍ର ଦକ୍ଷିଣ ଭାରତରେ ପାଳନ କରାଯାଏ। ଶ୍ରୀଲଙ୍କାରେ ମଧ ଲୋକମାନେ ପୋଙ୍ଗଲ ପାଳନ କରିଥାନ୍ତି। ପୋଙ୍ଗଲ ଉପଲକ୍ଷେ ଭିର୍ନ୍ନ ଭିର୍ନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବନ୍ଧୁ ମିଳନ ଦେଖିବାକୁ ମିଳେ। ଗୁଜରାଟ ରେ ଲୋକ ମାନେ ମକର ସଂକ୍ରାନ୍ତି ରେ ଗୁଡି ଉଡାନ୍ତି। ରଙ୍ଗ ବେରଙ୍ଗର ଗୁଡ଼ି ଦୋକାନ ବଜାରେ ବିକ୍ରି ହୁଏ। ଏବଂ ଲୋକମାନେ ଗୁଡ଼ି ଉଡାଇ ଏହି ପର୍ବକୁ ପାଳନ କରନ୍ତି।

ଓଡିଶା ରେ ମକର ସଂକ୍ରାନ୍ତି ରେ ଘରେ ଘରେ ମକର ଚାଉଳ ତିଆରି କରାଯାଏ ଏବଂ ଠାକୁରଙ୍କୁ ଭୋଗ ଲଗାଇ ଲୋକେ ପ୍ରସାଦ ଗ୍ରହଣ କରନ୍ତି। ଓଡିଆଙ୍କ ଇଷ୍ଟ ଦେବତା ଜଗନ୍ନାଥ ମଧ ମକର ସଂକ୍ରାନ୍ତି ପାଳିଥାନ୍ତି।

ଜଗନ୍ନାଥଙ୍କ ବଡ ଦେଉଳରେ ମକର ସଂକ୍ରାନ୍ତିର ନୀତି କାନ୍ତି ଆଲଗା ହୋଇଥାଏ। ନୂଆ ଚାଉଳରେ ଗୁଡ, ନଡିଆ କୋର, କଦଳୀ ଖୁଆ ଏବଂ ଅନ୍ୟାନ୍ୟ ଫଳ ପକାଇ ମକର ଚାଉଳ ତିଆରି କରାଯାଏ ଏବଂ ମକର ଚାଉଳ ଧରି ସେବାୟତ ମାନେ ସାତ ଥର ମନ୍ଦିର ବେଢାକୁ ପରିକ୍ରମାଣ କରିଥାନ୍ତି ସେତେବେଳେ ସେମାନେ ନିଜ ପାଟିକୁ କନାରେ ବାନ୍ଧିଥାନ୍ତି। ଫେଣା, ସାକର ଓ ପାନ ମଧ ମହାପ୍ରଭୁଙ୍କୁ ଅର୍ପଣ କରାଯାଏ। ମକର ସଂକ୍ରାନ୍ତିରେ ୮୪ ପ୍ରକାର ଭୋଗ ଠାକୁରଙ୍କୁ ଲାଗି ହୋଇଥାଏ। ମକର ସଂକ୍ରାନ୍ତି ରେ ଜଗନ୍ନାଥ, ବଳଭଦ୍ର ଓ ଶୁଭଦ୍ରାଙ୍କୁ ମକର ଚୁଳ ଲଗାଯାଏ ଏବଂ ମକର ୮୪ ବେଶ ରେ ସଜାଯାଏ।

+ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର
ମୋ: ୭୨୦୫୧୦୦୮୩୯

# ମୋ ପିଲା ଦିନ ଆଉ ମକର ସଂକ୍ରାନ୍ତି



## ସୁଷମା ପରିଡା



କଟକ ସହରରେ ରହୁଥିଲେ ମଧ ବୋଉ ମୋର ତା' ଗାଉଁଲି ପରମ୍ପରାକୁ ମୋଟେ ଛାଡି ନଥିଲା। ଦୁତିଆ ଓଷା ଠାରୁ ଦାଣ୍ଡ ପହଁରା ଯାଏଁ ଗାଆଁରେ ପାଳନ କରାଯାଉଥିବା ସବୁ ପର୍ବ ପର୍ବାଣି ସେ ଏଇଠି ରହି ପାଳନ କରୁଥିଲା ଖୁବ୍ ଆଗ୍ରହର ସହିତ। କଟକରେ ମକର ସଂକ୍ରାନ୍ତିକୁ " ଖଜା ସଂକ୍ରାନ୍ତି" ବୋଲି କହନ୍ତି । ଚିନି ଆଉ ଚାଉଳଚୂନା ମିଶି ଜନ୍ତା ହୋଇ ପଟା ରେ ବାଡିଆ ହୋଇ ତିଆରି ହେଉଥିବା ଗୋଲ ଗୋଲ ଖଜା ଉପରେ କିଛି ତିଳ ( ରାଶି) ଛିଞ୍ଚି ଦିଆ ହୋଇଥିବାରୁ ତା'କୁ " ତିଲୁଆ" ମଧ କୁହାଯାଏ। ନୂଆ ଚୂଡା ସହିତ ସେଇ ତିଲୁଆ ହେଲା କଟକରେ ମକର ସଂକ୍ରାନ୍ତିର ପ୍ରଧାନ ଭୋଗ । ମୋ' ବୋଉ କିନ୍ତୁ ସେଇ ଖଜା, ଚୂଡା ସହିତ ଗାଆଁରେ ଭୋଗ ଲାଗୁଥିବା ମୁଆଁ ଆଉ ମକରଚାଉଳ ମିଶାଇ ଭୋଗ ଲଗାଏ ଠାକୁରଙ୍କୁ । ପୂର୍ବ ଦିନରୁ ଭିଜେଇ ରଖିଥିବା ବାସୁମତୀ ଅରୁଆ ଚାଉଳକୁ ସଂକ୍ରାନ୍ତି ଦିନ ସକାଳୁ ଛାଣି ହେମଦସ୍ତାରେ କୁଟି,ଖଣ୍ଡ ଖଣ୍ଡିଆ ଥାଇ ବାହାର କରି ନଡିଆକୋରା, ଛେନା, କ୍ଷୀର, ଗୋଲମରିଚ, ଗୁଜୁରାତି, କାଜୁ, କିସ୍‌ମିସ୍ ସହିତ ଫଳ ସେଓର ଛୋଟ ଛୋଟ ଖଣ୍ଡକୁ ଗୁଡ ସହିତ ଚକଟାଚକଟି କରି ତିଆରି କରିବ ମକର ଚାଉଳ । ଏଠାରେ ସମସ୍ତଙ୍କୁ ଭୋଗ ବାଣ୍ଟିବ ବୋଲି ପିତ୍ତଳ ତସଲାରେ ଭର୍ତ୍ତି କରି ତସଲାଏ ଭୋଗ କରିବ। କଟକର ଚଳଣି ଅନୁସାରେ ନୂଆଚୁଡାରେ ତିଲୁଆଖଜା, କଦଳୀ ନଡିଆ କୋରା ଦେଇ ଚକଟା ହେବ ଭୋଗ । ସକାଳୁ ସକାଳୁ ଅଗଣାରେ ଚିତା ପକେଇ କୋଠିଟିଏ କାଟିବ, ସେଇ କୋଠି ଭିତରେ କଳସ ସ୍ଥାପନା କରି ଛୋଟ ପିଢାଟିଏ ଉପରେ ନାଲି ମନ୍ଦାର ଫୁଲ ଆଉ ତଳେ ଭୋଗ ତସଲା ସବୁ ରଖିବ, ତମ୍ବାର ଛୋଟିଆ ଗଡୁଟିରେ କଞ୍ଚା କ୍ଷୀରରେ ହଳଦୀ, ଗୁଡ, ରାଶି ମିଶାଇ ରଖିବ। ଧୂପ, ଦୀପ, ଦୁବ, ବରକୋଳି ପତ୍ର ଦେଇ ଆବାହନ କରିବ ସୂର୍ଯ୍ୟ ଦେବତାଙ୍କୁ, ତମ୍ବା ଗଡୁରେ ଥିବା କ୍ଷୀର ଭୋଗ ଅର୍ପଣ କରିବ, ଖଜା ଚୂଡା, ମକର ଚାଉଳ ନୈବେଦ୍ୟ ଦେଇ ବେକରେ ଲୁଗା କାନି ଗୁଡେଇ ଲମ୍ବଦଣ୍ଡା ହୋଇ ପ୍ରଣାମ କରିବ ଆମ ସମସ୍ତଙ୍କର ମଙ୍ଗଳ କାମନା କରି। ଆମେ ପିଲାମାନେ କିନ୍ତୁ ବୋଉର ଡରରେ ସକାଳୁ ଉଠି, ହାଡଭଙ୍ଗା ଜାଡରେ ଗାଧୁଆପାଧୁଆ କରି କୋଠି ଚାରିପଟେ ହାତଯୋଡି ଠିଆ ହୋଇଥିବୁ ସିନା, ଲକ୍ଷ୍ୟ ଥିବ ସେଇ ଭୋଗ ଉପରେ, କେମିତି ବୋଉର ପୂଜା ସରିବ ଆଉ ଆମେ ଭୋଗ ଖାଇବୁ । ପୂଜା ସାରିଲେ ବୋଉ ସେଇ ଅର୍ପଣ ହୋଇଥିବା କ୍ଷୀର ଧାରକୁ ଲୁଗା କାନିରେ ତଳୁ ପୋଛି ଆଣି ଆମ ଦେହମୁଣ୍ଡରେ ବୋଳି ପକେଇବ ଆଉ ଆମ ପାଟିରେ ଟିକିଏ ଟିକିଏ ଭୋଗ ଦେବ। ସାହି ସାରା ବୁଲି ବୁଲି ଭୋଗ ବାଣ୍ଟିବ । ସମସ୍ତେ ଖୁବ୍ ଖୁସି ହୁଅନ୍ତି ବୋଉ ହାତ ତିଆରି ମକର ଚାଉଳ ପ୍ରସାଦ ପାଇ। କୁହନ୍ତି "ରେଖା ଭଳିଆ ମକରଚାଉଳ କେହି ବନେଇ ପାରିବେନି" । ପିଲାବେଳେ ଆମକୁ ଖୁବ୍ ରାଗ ଆସୁଥିଲା ବୋଉ ଉପରେ ଆମ ପାଇଁ ଅଳ୍ପ ରଖି ସବୁ ଭୋଗ ବାଣ୍ଟି ଦେଉଛି ବୋଲି କିନ୍ତୁ ମୋର ହେତୁ ହେଲା ପରେ ମୁଁ ମନେମନେ ଗର୍ବ ଅନୁଭବ କଲି ମୋ' ବୋଉର ପଡୋଶୀ ମାନଙ୍କ ପ୍ରତି ସେଇ ସ୍ନେହ ଶ୍ରଦ୍ଧା ଦେଖି। ସମୟ ବଦଳିଛି, ବୋଉ ଭଳି ମୁଁ ମଧ ପିଲାମାନଙ୍କ ପାଇଁ ମକର ସଂକ୍ରାନ୍ତି ପୂଜା କରୁଛି , ମୋ ବୋହୂ ମଧ କରୁଛି ତା' ପୁଅ ପାଇଁ, ହେଲେ ମକର ଚାଉଳର ସେ ସ୍ୱାଦ କାହିଁ ? ଏବେ ବି ମୋ ମନ ଝୁରୁଛି ବୋଉ ହାତ ତିଆରି ସେ ମକର ଚାଉଳକୁ। କଟକରେ ମକର ସଂକ୍ରାନ୍ତିର ଆଉ ଗୋଟିଏ ବିଶେଷତ୍ୱ ହେଲା 'ଗୁଡି ଉଡା' । ପିଲାଠାରୁ ଆରମ୍ଭ କରି ବୁଢା ଯାଏଁ ସମସ୍ତେ ଗୁଡି ଉଡେଇବାକୁ ଖୁବ୍ ଭଲ ପାଆନ୍ତି । ମୋ ବାବା ତ ସବୁବେଳେ ଚାକିରୀ ଦାୟରେ ବାହାରେ ଥାଆନ୍ତି, ଗୁଡି ଉଡାରେ ତାଙ୍କର ଆଗ୍ରହ ନଥାଏ କି ସେ କେବେ ଗୁଡି ଉଡାନ୍ତି ନାହିଁ, କିନ୍ତୁ ମୋ ମଉସା, ଯାହାଙ୍କ ଘରେ ଆମେ ରହିଥାଉ, ସେ ଖୁବ୍ ଭଲ ପାଆନ୍ତି ଗୁଡି ଉଡେଇବାକୁ। ବାପା ମାଆଙ୍କର ଗୋଟିଏ ବୋଲି ପୁଅ ସେ, ଖୁବ୍ ସଉକିଆ । ମାଉସୀ ଘର ବହୁତ ପ୍ରଶସ୍ତ ଯାଗା। ଧନୁ ସଂକ୍ରାନ୍ତି ପରେ ପରେ ମଉସାଙ୍କ ଗୁଡି ଉଡା ପ୍ରସ୍ତୁତି ଆରମ୍ଭ ହୁଏ। ଗୁଡି ଉଡେଇବାକୁ ବ୍ୟବହାର ହେଉଥିବା ସରଞ୍ଜାମ ଯଥା ଗୁଡି,ସୂତା, ନଟେଇ ଇତ୍ୟାଦି ତିଆରି ହୁଏ। ସୂତାକୁ ଧାରୁଆ କରିବା ଲାଗି ଭଙ୍ଗା କାଚ ସଂଗ୍ରହ କରି ହେମଦସ୍ତାରେ କୁଟାହୋଇ ଗୁଣ୍ଡ ହୁଏ,ତା'କୁ ଚାଲୁଣିରେ ଚଲାହୁଏ, ତା'ପରେ ଆରାରୋଟ୍ ରନ୍ଧା ହୋଇ ଅଠା ତିଆରି ହୁଏ ସେଇ କାଚଗୁଣ୍ଡ ପଡି । ଦୁଇଟି ଲମ୍ବା ଖୁଣ୍ଟ ପୋତା ହୁଏ ଏମୁଣ୍ଡ ସେମୁଣ୍ଡ ହୋଇ ବଡ ବଡ ସୂତା ରିଲ୍ କିଣା ହୋଇ ଆସେ, ସେ ଦୁଇଟି ଯାକ ଖୁଣ୍ଟରେ ଗୁଡେଇ ଦିଆଯାଏ କେରି କେରି, ମଉସା ହାତରେ ଛିଣ୍ଡା କପଡା ଗୁଡାଇ, ନିଜେ ତିଆରି କରିଥିବା କାଚମିଶା ଅଠା ( ତା'କୁ ମାଞ୍ଜା ବୋଲି କହନ୍ତି କଟକରେ)କୁ ନେଇ ବୋଳନ୍ତି ଖୁଣ୍ଟରେ ଗୁଡା ହୋଇଥିବା ସୂତାରେ । ସେଇଠି ସେମିତି ସୂତା ଖରା ଖାଇ ଶୁଖିଲା ପରେ ନଟେଇରେ ଗୁଡାହୁଏ। ନଟେଇରେ ସୂତା ଗୁଡା ହେବାର ଦୃଶ୍ୟ ଖୁବ୍ ସୁନ୍ଦର । ନଟେଇକୁ ହାତରେ ଘୁରେଇ ଘୁରେଇ ଦୁଇଟି ଯାକ ଖୁଣ୍ଟକୁ କ୍ରମାଗତ ଭାବରେ ପରିକ୍ରମା କରୁଥିବେ ମଉସା, ଠିକ୍ ଖେଳ ପଡିଆରେ ଚକ୍କର ଲଗାଇବା ଭଳି। ବଜାରରୁ ପତଳା ରଙ୍ଗୀନ୍ କାଗଜ , ବାଉଁଶ କଣି କିଣା ହୋଇ ଆସେ ଗୁଡି ତିଆରି ହେବା ଲାଗି । ଗୁଡି ତିଆରିରେ ଦୁଇ ଖଣ୍ଡ ବାଉଁଶ ପାତିଆ ବ୍ୟବହାର ହୋଇଥାଏ, ଗୋଟିଏ ଧନୁ ଭଳି ବଙ୍କା , ତା'କୁ କମାଣି କହନ୍ତି ଆଉ ସିଧା ହୋଇ ଲାଗୁଥିବା ପାତିଆକୁ ଦଣ୍ଡା । କମାଣିଟିଏ ଲଗାଇବା ପୂର୍ବରୁ ଖୁବ୍ ପରୀକ୍ଷଣ କରନ୍ତି ମଉସା, ଦଶ ଥର ତା'ର ନମନୀୟତା ପରୀକ୍ଷା କରନ୍ତି । ପେଟି ବାନ୍ଧି ସାରି ଆମ ଦ୍ୱାରା ଉଡାଣ ପରୀକ୍ଷା କରନ୍ତି ଆଉ ନଟେଇ ସୂତା, ଗୁଡିକ ସବୁ ଶୁଖିବା ବେଳକୁ ଆମେ ଜଗି ରହୁ ସବୁ ଜିନିଷକୁ। ଅତି କମ୍‌ରେ ଦୁଇଟି ନଟେଇ ଗୋଟିଏ ଛୋଟ ଆଉ ଗୋଟିଏ ବଡ ପ୍ରସ୍ତୁତ ହୋଇ ରହେ ଆଉ ତା' ସହିତ ଅତି କମ୍‌ରେ ଦଶ, କୋଡିଏଟି ଗୁଡି। ଆମେ ପିଲାମାନେ ଖୁବ୍ କୌତୁହଳୀ ହୋଇ ଦେଖୁଥାଉ ତାଙ୍କୁ। ଖୁବ୍ ଭଲ ଲାଗେ ଆମମାନଙ୍କୁ । ମାଉସୀର ଛଅଟି ପିଲା ଆଉ ଆମର ଭାଇ ଭଉଣୀ ମିଶି ପାଞ୍ଚଟି, ଏମିତି ଆମେ ଏଗାର ଜଣ। ଆମ ପିଲାମାନଙ୍କୁ ବହୁତ ଭଲ ପାଆନ୍ତି ମଉସା, ବିଶେଷ କରି ମତେ କାରଣ ଆମ ଦୁଇ ପରିବାରର ମୁଁ ପ୍ରଥମ ସନ୍ତାନ ଆଉ ମୁଁ ଦେଢ ମାସର ହୋଇଥିବା ବେଳେ ସେ ନିଜେ କୋଳରେ ଧରି ମତେ ଆଣିଥିଲେ ତାଙ୍କ ଘରକୁ । ଆଉ ସେଇଠି ରହିଥିଲୁ ଆମେ ବାପାଙ୍କ ଚାକିରୀ ସମୟର ପୁରା ତେତିଶି ବର୍ଷ । ମକର ସଂକ୍ରାନ୍ତି ଦିନ ବାହାରେ ଗୁଡି ଆଉ ନଟେଇ। ମୋର ସାନ ସାନ ଭାଇମାନଙ୍କୁ ଛୋଟ ନଟେଇରେ ଗୁଡିଉଡା ଶିଖାନ୍ତି ମଉସା, ପବନର ଦିଗ ଅନୁଧ୍ୟାନ କରି ଗୁଡିକ ଉଡେଇବାକୁ ହୁଏ । ମଉସା ବଡ ନଟେଇ ଧରି ଗୁଡିକ ଉଠାନ୍ତି ଉପରକୁ, ଆହୁରି ଉପରକୁ, ଆକାଶରେ ପଇଁତରା ମାରେ ଗୁଡି, ଆମେ ଆଖି ଟେରା କରି ଚାହିଁ ରହୁ, ଗୁଡି ଚକ୍କର କାଟେ, ଆକାଶରେ ବୁରୁଜ ହୋଇ ଆହ୍ୱାନ ଦିଏ ଅନ୍ୟ ପ୍ରତିଯୋଗୀ ମାନଙ୍କୁ ପେଞ୍ଚ ପକାଇବାକୁ, ଗୁଡି ସୂତା ସହ ସୁରକି ଖାଏ, ମୁରକି ଖାଏ, କାନି ମାରେ, ପେଞ୍ଚ ପଡି ଟକ୍କର ମାରେ ଆଉ କାଟି ଦିଏ ଅନ୍ୟ ଗୁଡିକୁ । ଯିଏ ଯେତେ ଗୁଡି କାଟି ପାରିଲା ସିଏ ରଜା । ସାହି ସାହି ଭିତରେ ଖୁବ୍ ପ୍ରତିଯୋଗିତା ସେ ଗୁଡି ଉଡା ପାଇଁ। ଓଃ କି ଆନନ୍ଦ ଆମର ଲଟକି ଲଟକି ଉଡିଯାଉଥିବା ସେ ଗୁଡିମାନଙ୍କୁ ଦେଖି। ଗୋଟାଏ ଗୁଡି କଟିବାମାନେ ଦଶଟା ପିଲା ଧାଇଁ ଥିବେ ଚାଳେ ଚାଳେ, ଡାଳେ ଡାଳେ ତା'କୁ ଧରିବା ପାଇଁ, ତେଣିକି ହାତ କଟୁ କି ମୁଣ୍ଡ ଫାଟୁ ତହିଁକି ପରୁଆ ନାହିଁ। ଗୁଡି ସବୁ ଗଦା ହୋଇ ଥୁଆ ହୋଇଥିବ ପାଖରେ ଗୋଡି ଚାପ ଦେଇ, ଗୋଟାଏ କଟିଗଲେ ଅବିଳମ୍ବେ ଆଉ ଗୋଟିଏ ଯୋଡା ହେଉଥିବ ସଞ୍ଜ ଯାଏଁ । ମଝିରେ ମଝିରେ ଖିଆ ହେଉଥିବ ଧଳା, ନାଲି, ହଳଦୀ ରଙ୍ଗର ତିଲୁଆ ଖଜା। ରାତିରେ ମଉସା ଆଣିବେ ହରି ବେହେରାଠାରୁ ରାବିଡି । ଖୁବ୍ ମଧୁର ସେ ସ୍ମୃତି। ମଉସା ଚାଲିଗଲେଣି ଉଣେଇଶହ ବୟାଅଶୀରୁ, ହେଲେ ସେଇ ସ୍ମୃତି ସେମିତି ସତେଜ ଅଛି ମୋ ମନ ଭିତରେ। ମକର ସଂକ୍ରାନ୍ତି ଆସିଲେ ମୋ' ପିଲାଦିନ ଆଉ ମଉସା ଖୁବ୍ ମନେ ପଡନ୍ତି । ତାଙ୍କର ହସହସ ମୁହଁ ଦିଶିଯାଏ ମୋତେ । ମୋ' ପାଇଁ ସେ ଦ୍ୱିତୀୟ ବାପା। ଆଜି ଆଉ ଆଗଭଳି ନାହିଁ କଟକର ମକର ସଂକ୍ରାନ୍ତି । ଆଜିକା ଗୁଡିର ମାଞ୍ଜା ସୂତା ଜନିତ ଅନେକ ଗୁଡିଏ ଦୁର୍ଘଟଣା ପରେ କଟକରେ କଟକଣା ଲାଗିଛି ସାର୍ବଜନୀନ ସ୍ଥାନରେ ଗୁଡି ଉଠାଇବା ଲାଗି, କେବଳ କାଠଜୋଡି କୂଳରେ, ଆଉ ମହାନଦୀ ବାଲିରେ, ହେଉଛି ଗୁଡି ମହୋତ୍ସବ। ନୂଆପିଢିର ପିଲାଏ ପୁରୁଖାଙ୍କ ପାଖରୁ କିଛି କିଛି ଶିଖୁଛନ୍ତି ଗୁଡି ଉଡାଣ କଳା, ହେଲେ ସେ ବେଳର ମାଧୁର୍ଯ୍ୟମୟ ମକର ସଂକ୍ରାନ୍ତି ଆଉ ନାହିଁ । ଖାଲି ପରମ୍ପରା ରକ୍ଷା କରିବା ପାଇଁ ଚାଲୁଛି , ଚାଲି ଥାଉ ସେମିତି । ପରମ୍ପରା ବଞ୍ଚି ରହୁ । ଶୁଭ ମକର ସଂକ୍ରାନ୍ତି।

+ ଶାରଳା ଭବନ, ପୋତାପୋଖରୀ, କଟକ



## ମକର ସଂକ୍ରାନ୍ତି

### ସୁହଂସ ଭୋଇ

ଆସିଛି ମକର ଧରଣୀ ଉପର
ଶୀତର ସ୍ୱାକ୍ଷର ନେଇ
ଦିବାକର କର ହୋଇବ ପ୍ରଖର
କାକର ଯିବ ଉଭେଇ।

ଶର୍ବରୀ ଆୟୁଷ ଘଟିବ କ୍ରମଶଃ
ଶିଖର ଛୁଇଁବ ବାର
ଧନୁ ବାସ ଛାଡି ମକରେ ପ୍ରବେଶ
ହେବେ କାଶ୍ୟପ କୁମାର।

ଉତ୍କଳେ ମକର ସଂକ୍ରାନ୍ତି ଉତ୍ସବ
ତାମିଲ ଦେଶେ ପୋଙ୍ଗଲ
କେବଳ ସଂକ୍ରାନ୍ତି ନାମରେ କେରଳେ
ମଗଧ ପ୍ରଦେଶେ ତିଳ।

ଠୁଳ କରି ପୂର୍ଣ୍ଣ କରଇ ଅମାର
କୃଷକ ଶସ୍ୟ ସମ୍ଭାର
ରବି ଶ୍ରୀପୟରେ ସମର୍ପଣ କରେ
ପ୍ରଥମ ଅର୍ଘ୍ୟ ଆହାର।

ରମ୍ଭା ଖଣ୍ଡସାର ଶ୍ରୀଫଳ ଚାଉଳ
କ୍ଷୀର ସର ରାଶି ଘୃତ
ଭୋଗ ନଇବେଦ୍ୟ ପ୍ରସାଦେ ପ୍ରସ୍ତୁତ
ଗୃହେ ଗୃହେ ପଞ୍ଚାମୃତ।

ବନ୍ଧୁ ଭାତୃ ଭାବ ସାଦର ଆଦର
ପରବ ରୂପେ ପ୍ରତୀକ
ଆନନ୍ଦ ମୁଖର ଗାଆଁ ପଲ୍ଲୀ ପୁର
ଆବେଗ ହର୍ଷ ଅନେକ।

+ପହଣ୍ଡି, ବରଗଡ଼

## ଆସିଛି ମକର ପରବ

### ନଳିନୀ ଦାଶ

ବରଷକେ ଥରେ ହସ ଖୁସି ନେଇ
ଆସିଛି ମକର ପରବ
ସବୁ ଘରେ ପୂଜା ହୁଅଇ ମକର
ଆମ ଓଡିଆଙ୍କ ଗରବ ।

ଦେବାଦେବୀ ପୀଠେ ଭୋଗ ହୋଇଥାଏ
ମୂଆଁ ଓ ମକର ଚାଉଳ
ମକର ମେଳାରେ ଉଚ୍ଛୁଳି ପଡ଼ଇ
ଲାଗିଥାଏ ଭାରି ଗହଳ ।

ଅରୁଆ ଚାଉଳ ଛେନା ଗୁଡ଼ ଘିଅ
ଗୋଲ୍ ମରିଚ ନଡ଼ିଆ
ଚିନି ଓ କଦଳୀ ମିଶିଲେ ପ୍ରସ୍ତୁତ
ମକର ଲାଗଇ ବଢିଆ ।

ନଟେଇକୁ ଧରି ଗୁଡି ଉଡେଇବ
ଟୁକୁନା ହରଷ ମନରେ
ଗାଆଁ ପଡ଼ିଆକୁ ଗଲାଣି ସଅଳ
ସାଙ୍ଗସାଥୀଙ୍କର ମେଳରେ ।

ପିଲାମାନେ ମିଶି ରଙ୍ଗ ବେରଙ୍ଗର
ଗୁଡ଼ିକୁ ଉଡାଇ ଦେଲେଣି
ଗାଆଁ ଲୋକମାନେ ଆନନ୍ଦ ମନରେ
ମକର ମେଳଣ କଲେଣି ।

ପଉଷ ଆଣିଛି ମକର ପରବ
ଶୀତକୁ ବିଦାୟ ଦେବ
ସୂର୍ଯ୍ୟଙ୍କର ଗତି ଉତ୍ତରାୟଣକୁ
ଏହି ଦିନଠାରୁ ହେବ ।

ସକ୍ରାନ୍ତି ଦିନଠୁ ଦିନ ବଡ଼ ହୋଇ
ରାତି ସାନ ହୋଇଯାଏ
କମିକମି ଯାଏ ଧରଣୀରୁ ଶୀତ
ଖରା ବଢ଼ି ବଢି ଯାଏ ।

ଆମ ସଂସ୍କୃତିରେ ହିନ୍ଦୁମାନଙ୍କର
ପବିତ୍ର ପରବ ଟିଏ
ଆନନ୍ଦ ମନରେ ପାଳନ କରନ୍ତି
ବନ୍ଧୁତ୍ୱର ଭାବ ଦିଏ ।

+ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ:୬୩୭୦୦୯୫୨୪୧

# ସାଇ ନବ ବର୍ଷ ଓ ମକର ସଂକ୍ରାନ୍ତି

## ଉମେଶ ଚନ୍ଦ୍ର ନାୟକ



ସାରା ଦୁନିଆରେ ଯାହାସବୁ ଦୃଷ୍ଟିଗୋଚର ହୁଏ ସେ ସବୁ ଭଗବାନଙ୍କ ଦ୍ୱାରା ସୃଷ୍ଟି ହୋଇଛି। ସେ ସବୁର ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ଭଗବାନଙ୍କର ମନୁଷ୍ୟକୁ ଭଗବାନଙ୍କ ସୃଷ୍ଟିରେ ଶ୍ରେଷ୍ଠ ଜୀବ ରୂପେ ଗ୍ରହଣ କରାଯାଇଛି। ଭଗବାନ ଚାହାନ୍ତି ମନୁଷ୍ୟ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ପଥକୁ ଅବଲମ୍ବନ କରି ପରସ୍ପର ମଧ୍ୟରେ ଭାତୃଭାବର ବିକାଶ କରିବା ସହିତ ସୁଖରେ ଜୀବନ ଅତିବାହିତ କରୁ। ଯଦି କୌଣସି ସମୟରେ କେହି ଅନ୍ୟାୟ ଆଚରଣ ଦ୍ୱାରା ଅନ୍ୟ ମାନଙ୍କ ଉପରେ ଅତ୍ୟାଚାର କରେ ଭଗବାନ ସତ୍‌ପଥକୁ ଆଣିବାକୁ ଚେଷ୍ଟା କରିଥାଆନ୍ତି। ସହଜରେ ଯେଉଁମାନେ ସଂସ୍କାରିତ ନହୁଅନ୍ତି ସେ କ୍ଷେତ୍ରରେ ଭଗବାନ ବାଧ ହୋଇ ତାଙ୍କୁ ସଂହାର କରିଥାନ୍ତି।

ଆମ ଦେଶରେ ମକର ସଂକ୍ରାନ୍ତିକୁ ଏକ ପବିତ୍ର ଦିବସ ରୂପେ ପାଳନ କରାଯାଏ । ଏହିଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି ଓ ତାଙ୍କର ଉତ୍ତରାୟଣ ଆରମ୍ଭ ହୁଏ । ଏହି ଦିନର ଆଉ ଏକ ପୌରାଣିକ ତାତ୍ପର୍ଯ୍ୟ ହେଲା ଯେ ମହାଭାରତ ଯୁଦ୍ଧରେ ଭୀଷ୍ମ ଶରଶଯ୍ୟାରେ ୫୬ଦିନ ଶୟନ କଲାପରେ ମର ଶରୀର ତ୍ୟାଗ କରିବା ପାଇଁ ଏହି ପବିତ୍ର ଦିନଟିକୁ ଅପେକ୍ଷା କରି ରହିଥିଲେ । ସୂର୍ଯ୍ୟଙ୍କର ଉତ୍ତରାୟଣ ଆରମ୍ଭ ହେବାରୁ ତାଙ୍କ ଆତ୍ମା ପରମାତ୍ମାଙ୍କ ଶରୀରରେ ଲୀନ ହେଲା । ସତ୍ୟସାଇ ବାବା ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନଟିକୁ ସତ୍ୟସାଇ ସଂଗଠନର ନବବର୍ଷର ଆରମ୍ଭ ରୂପେ ପାଳନ କରି ଏହି ପବିତ୍ର ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଦିବ୍ୟ ସମ୍ଭାଷଣମାନ ଦେଇଥାନ୍ତି । ତାଙ୍କ ମତରେ ମକର ସଂକ୍ରାନ୍ତି ଆବାହମାନ କାଳରୁ ଏକ ପରିପୂର୍ଣ୍ଣତା ଓ ଆନନ୍ଦର ଦିବସ ରୂପେ ପାଳିତ ହୋଇ ଆସୁଅଛି । ଶ୍ରୀ ସତ୍ୟସାଇ ସେବା ସଂଗଠନର ସମସ୍ତ ଭାଇ ଭଉଣୀମାନେ ବିଶ୍ୱ ତମାମ ତାଙ୍କ ସନ୍ନିକଟ ସାଇ ମନ୍ଦିରରେ ଏକ ବିଧିବଦ୍ଧ ଭାବେ ଶପଥ ପାଠ କରିଥାନ୍ତି ତାହାହେଉଛି 'ମୁଁ ଉଦ୍‌ଘୋଷଣା କରୁଛି କି ମୋର ଭଗବାନ ବାବାଙ୍କ ପ୍ରଦତ୍ତ ଶିକ୍ଷା ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି । ମୁଁ ନବବିଧ ଆଚରଣ ବିଧି ଓ ସଂଗଠନର ସମସ୍ତ ନିୟମ ମାନି ଚଳିବି, ମୁଁ ଧୁଆଁପତ୍ର, ମଦକଦ୍ରବ୍ୟ, ଆମିଷ ଭୋଜନ ଓ ଜୁଆ ଖେଳରୁ ଦୂରେଇ ରହିବି । ମୁଁ ମୋର ସମସ୍ତ କର୍ତ୍ତବ୍ୟ ଭଗବାନ ସତ୍ୟସାଇ ବାବାଙ୍କ ପାଦପଦ୍ମରେ ଅର୍ପଣ କରିବି ।' ଓଡ଼ିଶା ଶ୍ରୀସତ୍ୟସାଇ ସେବା ସଙ୍ଗଠନର କେନ୍ଦ୍ରାପଡ଼ା ସାଂଗଠନିକ ସାଇ ଜିଲ୍ଲା (ଯାଜପୁର ରାଜସ୍ୱ ଜିଲ୍ଲା) ଅର୍ନ୍ତଗତ ପଲାଇ ଗ୍ରାମ ସନ୍ନିକଟ ଓଳାଶୁଣୀରେ ଆୟୋଜିତ ହେବାକୁ ଯାଉଛି ଜାନୁଆରୀ ୧୯, ୨୦ ଓ ୨୧ ତିନିଦିନବ୍ୟାପି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ଓଡ଼ିଶାର ୪୮ତମ ରାଜ୍ୟ ସମ୍ମିଳନୀ। ଅଷ୍ଟାଦଶ ଶତାବ୍ଦୀର ସାଧକ ଶ୍ରୀ ଅରକ୍ଷିତ ଦାସଙ୍କର ଏହି ପୂଣ୍ୟପାବନ ପୀଠ ଓ ମହାମୟୀ ମାଆ ଓଳାଶୁଣୀଙ୍କ ପାବନ କ୍ଷେତ୍ରରେ ଏହି ରାଜ୍ୟସ୍ତରୀୟ ଆଧ୍ୟାତ୍ମିକ ସମ୍ମିଳନୀରେ ସାରା ଓଡ଼ିଶା ସାଇ ସଂଗଠନର ଭାଇ ଭଉଣୀମାନେ ଯୋଗ ଦେବେ। ଓଳାଶୁଣୀ ପୀଠର ପାଖରେ ରହିଛି ଆଧ୍ୟାତ୍ମିକ ଗାଙ୍ଗୀପୀଠ, ମହାତ୍ମା ବିଦୁରଙ୍କ କ୍ଷେତ୍ର ଏବଂ ଏହା ହେଉଛି ବୌଦ୍ଧ ହୀରକ ତ୍ରିଭୁଜ ରତ୍ନଗିରି-ଉଦୟଗିରି-ଲଳିତଗିରି ପରି ବିଶ୍ୱ ବିମଣ୍ଡିତ ପ୍ରସିଦ୍ଧ କ୍ଷେତ୍ର। ବିଦୁରଙ୍କ କ୍ଷେତ୍ର ହେଉଛି ରାଜ୍ୟ ପ୍ରସିଦ୍ଧ ଓଳକଣା ମେଳଣର ସ୍ଥାନ। ପ୍ରତିବର୍ଷ ଶ୍ରୀସତ୍ୟସାଇ ସେବା ସଂଗଠନର ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୁଏ।

ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଦିବ୍ୟବାଣୀ ତାଙ୍କ ମାର୍ଗଦର୍ଶନର ସାଇ ନବ ବର୍ଷରେ ମନେପଡ଼ିଯାଉଛି କେବଳ ସଙ୍ଗଠନର ନିୟମାନୁଯାୟୀ ସେବାଦଳଙ୍କୁ ଦିଆଯାଇଥିବା କାର୍ଯ୍ୟକୁ ସମ୍ପାଦନ କରିବାଟା ଭକ୍ତି ବୋଲି ସ୍ୱୀକୃତ ହୁଏ ନାହିଁ। ପ୍ରେମ ଭାବର ସହ କରାଯାଉଥିବା କର୍ତ୍ତବ୍ୟ ହିଁ ବାଞ୍ଛନୀୟ, ପ୍ରେମ ରହିତ ସେବାକର୍ମ ପ୍ରମାଦପୂର୍ଣ୍ଣ। କିନ୍ତୁ ବ୍ୟକ୍ତିର ସ୍ୱଭାବ ଅନୁଯାୟୀ ତା'ଦ୍ୱାରା ଯେଉଁ ପ୍ରେମଜଡ଼ିତ କର୍ମ ସମ୍ପାଦିତ ହୁଏ କେବଳ ତା ଉପରେ ନ୍ୟସ୍ତ ହୋଇଥିବାରୁ ନୁହେଁ ତାହା ଦିବ୍ୟ କର୍ମ ପଦବାଚ୍ୟ। ପ୍ରେମ ଭାବ ତୁମ ହୃଦପଦ୍ମକୁ ବିକଶିତ କରାଉ। ଯେଉଁ ସେବା କର୍ମରେ ତୁମେ ନିୟୋଜିତ ହେଉଛ ସେ ସମସ୍ତ କାର୍ଯ୍ୟରେ ବିଜୟୀ ହୁଏ। ତୁମ ପ୍ରତ୍ୟେକଙ୍କ ପାଇଁ ଏହା ମୋର ଆଶୀର୍ବାଦ।

ଏଥିପାଇଁ ଆମ ମାନଙ୍କର ବ୍ୟକ୍ତିଗତ ତଥା ସାଙ୍ଗଠନିକ ସାଧନାକୁ ଆହୁରି ଶାଣିତ କରିବାକୁ ପଡ଼ିବ। ହୃଦୟରେ ପ୍ରେମକୁ ଆହୁରି ପ୍ରସାରିତ କରିବାକୁ ପଡ଼ିବ। ସେବାର ସୁଗନ୍ଧକୁ ସମାଜର ସବୁ ବର୍ଗକୁ ବ୍ୟାପକ କରିବାକୁ ହେବ। ଭଗବାନଙ୍କର ଅମର ବାର୍ତ୍ତାମୃତକୁ ନିଜେ ହୃଦୟଙ୍ଗମ କରି ସେହି ଅନୁସାରେ ଆମ ଆଚରଣରେ ଦେଖେଇବାକୁ ହେବ।

ଶ୍ରୀ ସତ୍ୟସାଇ ସଂଗଠନର ୪୮ତମ ବାର୍ଷିକ ସମ୍ମିଳନୀ ଅବସରରେ ଓଡ଼ିଶାର ସମସ୍ତ ସାଇପ୍ରେମୀଙ୍କ ତରଫରୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କୁ ଆମେ ଆମର ଅନ୍ତରର ଗଭୀର ଭକ୍ତିପୂର୍ଣ୍ଣ ନିବେଦନ ଅର୍ପଣ କରିବା ସଙ୍ଗେ ସଙ୍ଗେ ସମ୍ମିଳନୀର ସଫଳତା ପାଇଁ ଆଶୀର୍ବାଦଭିକ୍ଷା କରିବାର ପରମ ସୁଯୋଗ ଲାଭ କରିଥିବାରୁ ନିଜକୁ ଧନ୍ୟ ମନେ କରୁଅଛୁ। ମହାପ୍ରଭୁଙ୍କର ସୁକୋମଳ ହୃଦୟ ଉତ୍ସରୁ ଝରୁଥିବା ଅମୃତ ଆସ୍ୱାଦନର ଆଶା ନେଇ ଅନନ୍ୟ ସୁନ୍ଦର ପଦଯୁଗଳରେ ଆମର ଗଭୀର ପ୍ରାର୍ଥନା ଏହି କି ଯେ ସମଗ୍ର ମାନବ ଜାତି ସହିତ ସାରା ଓଡ଼ିଶା ଉପରେ ମଧ୍ୟ ତାଙ୍କର ଦିବ୍ୟ କୃପା ଦୃଷ୍ଟି ବର୍ଷାଉଥାଆନ୍ତୁ ଜନ୍ମ ଜନ୍ମାନ୍ତର ପାଇଁ। ଏହି ଶୁଭ ଅବସରରେ ସମ୍ମାନିତ ନିମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ କରିବାର ସୁବର୍ଣ୍ଣ ସୁଯୋଗ ହାତରେ ଧରା ଦେଇଛି ଯାହାକୁ ବ୍ୟବହାର କରି ଭଗବାନଙ୍କ ଆଡ଼କୁ ନିକଟତର ହେବାର ସୁଯୋଗ ହାତଛଡ଼ା କରିବା ଆଦୌ ବିଜ୍ଞତାର ପରିଚୟ ହେବନାହିଁ। ପ୍ରଶାନ୍ତିନିଳୟମରୁ ଆଧ୍ୟାତ୍ମିତାର ବାର୍ତ୍ତା ବହନ କରି ଆସୁଥିବା ଦେବଦୂତ ମାନଙ୍କ ସଂସ୍ପର୍ଶ ଓଡ଼ିଶାର ସାଇ ଆଶ୍ରିତ ଭାଇଭଉଣୀ ମାନଙ୍କୁ କି ଯେ ଆନନ୍ଦ ପ୍ରଦାନ କରିବ ତାହାର ମାପ କରିବାକୁ ଭଗବାନ କେବଳ ହିଁ ସମର୍ଥ। ଭଗବାନ ଶ୍ରୀ ସାଇଙ୍କ ଦିବ୍ୟ ଉପସ୍ଥିତିରେ ତାଙ୍କ କୃପାବାରିରେ ଏହି ଭବ୍ୟ ବିଶାଳ ରାଜ୍ୟ ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ସବୁକିଛି ସେ ହିଁ ପରିଚାଳିତ କରିବେ। ଭଗବାନ ଶ୍ରୀ ସାଇ ସାଇନବ ବର୍ଷ, ମକର ସଂକ୍ରାନ୍ତିରେ ଆମ ସମସ୍ତଙ୍କୁ କୃପାବାରିଧାରା ସିଞ୍ଚନ କରୁଥାନ୍ତୁ ଏ ପୃଥିବୀ, ଏ ସଂସାର, ଏ ସମାଜ ସବୁଠି ତାଙ୍କ ଦିବ୍ୟ ଉପସ୍ଥିତିକୁ ଗ୍ରହଣ କରିବା ପାଇଁ ଆମେ ସମର୍ଥ ହେଉ ଏହା ହିଁ କାମନା।

ଜିଲ୍ଲା ସଭାପତି, ଶ୍ରୀସତ୍ୟସାଇ ସଂଗଠନ,
କେନ୍ଦ୍ରାପଡ଼ା ଜିଲ୍ଲା,
ମୋ: ୮୨୪୯୯୯୩୬୫୯

# ମାଟିର ମହାପର୍ବ-ମକର



## ପ୍ରେମାନନ୍ଦ ପାଣିଗ୍ରାହୀ



ମଣିଷ ସମାଜ କାହିଁ କେଉଁ କାଳରୁ ଭଗବାନଙ୍କ ସୃଷ୍ଟି ସର୍ଜନା ଅର୍ଥାତ ପ୍ରକୃତିକୁ ପୂଜା କରି ଆସିଛି । ବୃକ୍ଷ, ଜଳ, ଅଗ୍ନି, ଆକାଶ, ମାଟି ଓ ସୂର୍ଯ୍ୟ ଉପାସନା ପ୍ରାଚୀନ କାଳରୁ ପ୍ରଚଳିତ । ଏପରି ଏକ ପ୍ରାଚୀନ ପର୍ବ ହେଉଛି ମକର ସଂକ୍ରାନ୍ତି । ଏହି ଦିନ ଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୁଏ । ସୂର୍ଯ୍ୟ ମକର ରାଶିରୁ ବିଷୁବ ରେଖା ଆଡକୁ କ୍ରମଶଃ ଗମନ କରନ୍ତି । ଆଲୋକ ଏବଂ ଜୀବନର ଉତ୍ସ ସୂର୍ଯ୍ୟଙ୍କୁ ହିନ୍ଦୁ ଗୃହସ୍ଥମାନେ ସେଦିନ ପୂଜାର୍ଚ୍ଚନା କରନ୍ତି । ରାଜା ଭଗୀରଥ ତପସ୍ୟା କରି ପାପନାଶିନୀ ଗଙ୍ଗାଙ୍କୁ ପୃଥିବୀ ପୃଷ୍ଠକୁ ଆଣି ମକର ସଂକ୍ରାନ୍ତି ଦିନ କପିଳ ମୁନିଙ୍କ ଆଶ୍ରମରେ ପହଞ୍ଚି ଥିଲେ । ସେବେଠାରୁ ମକର ସଂକ୍ରାନ୍ତି ଦିନ ପ୍ରଭାତରୁ ସ୍ନାନ ଓ ପିତୃକୂଳଙ୍କୁ ଶ୍ରାଦ୍ଧ ଦେବାର ପରମ୍ପରା ରହିଛି । ପବିତ୍ର ଗଙ୍ଗା ନଦୀରେ ସ୍ନାନ କରି ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ମହାପୂଣ୍ୟ ପ୍ରାପ୍ତିହୁଏ ବୋଲି ବିଶ୍ୱାସ ରହିଛି । ମକର ସଂକ୍ରାନ୍ତିର ପ୍ରତ୍ୟୁଷରେ ନଦୀ,ପୋଖରୀରେ ସ୍ନାନ ସାରି ସୂର୍ଯ୍ୟଙ୍କୁ ଦର୍ଶନ କଲେ ପୂଣ୍ୟ ମିଳିଥାଏ । ପ୍ରାତଃ ସ୍ନାନ ସହ ଦାନ କଲେ ଶରୀରକୁ ଶକ୍ତି ମିଳେ । ମକର ସଂକ୍ରାନ୍ତିରେ ପୁରପଲ୍ଲୀରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଦେବଦେବୀମନ୍ଦିରମାନଙ୍କରେ ଶ୍ରଦ୍ଧାଳୁମାନେ ନିଷ୍ଠାର ସହ ଉପାସନା କରନ୍ତି । ଦେବାଳୟ. ନଦୀତଟ,ପୋଖରୀ, ସମୁଦ୍ରକୂଳ ଆଦି ପବିତ୍ର ସ୍ଥାନମାନଙ୍କରେ ମକରମେଳା ଅନୁଷ୍ଠିତ ହୁଏ । ସୂର୍ଯ୍ୟଙ୍କ କୃପାରୁ କୃଷକ କୃଷି କ୍ଷେତ୍ରରୁ ଶସ୍ୟ ଉତ୍ପନ୍ନ କରୁଥିବାରୁ ମକର ସଂକ୍ରାନ୍ତିର ପୂଣ୍ୟ କାଳରେ ସୂର୍ଯ୍ୟଙ୍କୁ ନୂତନ ଶସ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥାଏ । ମକର ସଂକ୍ରାନ୍ତିରେ ପ୍ରତ୍ୟେକ ଓଡିଆଙ୍କ ଘରେ ପାରମ୍ପରୀକ ରୀତିରେ ସ୍ୱତନ୍ତ୍ର ଭୋଗ ପ୍ରସ୍ତୁତ ହୁଏ । ଏହି ଭୋଗକୁ ମକର ଚାଉଳ ବା ମକର ଭୋଗ କୁହାଯାଏ । ସରୁ ନୂଆ ଅରୁଆ ଚାଉଳକୁ କ୍ଷୀରରେ ବତୁରାଇ ସେଥିରେ ପାଚିଲା କଦଳୀ, ଦହି, ଛେନା,ନଡିଆ କୋରା, ଘଷା ରାଶି, ଛେନା, ଗୁଡ, ଆଖୁଖଣ୍ଡ, ଅଦା, ଗୋଲମରିଚ ପ୍ରଭୃତି ମିଶ୍ରଣ କରାଯାଏ । ଏହି ମକର ଭୋଗକୁ ଧାନଖଳାରେ ଓ ପ୍ରତ୍ୟେକ ଦେବଦେବୀଙ୍କ ନିକଟରେ ଅର୍ପଣ କରି ସେହି ଭୋଗକୁ ପରିବାର ଓ ପଡୋଶୀମାନଙ୍କୁ ଆନନ୍ଦରେ ବଣ୍ଟନ କରାଯାଇଥାଏ । ମକର ଚାଉଳ ଭୋଗକୁ ମକର ସଂକ୍ରାନ୍ତିର ମୁଖ୍ୟ ଭୋଗ ଭାବରେ ଗ୍ରହଣ କରାଯାଏ । ଏହି ଭୋଗକୁ ଜଣେ ଅନ୍ୟ ଜଣକୁ ଖୁଆଇ ମକର ବନ୍ଧୁ ବସନ୍ତି । ମକର ଡୋରୀରେ ବନ୍ଧା ଯୁବତୀମାନେ କେହି କାହା ନାଁ ଧରି ଡାକନ୍ତି ନାହଁ । ଉଭୟ ଉଭୟଙ୍କୁ କେବଳ ମକର ଡାକନ୍ତି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେଏକାକାର ହୋଇ ପରସ୍ପରକୁ ମକର ଚାଉଳ ଆଦାନପ୍ରଦାନ କରିବା ସହିତ ମକର ବସି ଭାବ ବିନିମୟ କରିବାର ନୂତନ ସମ୍ପର୍କ ଯୋଡି ବସନ୍ତି । କେତେକ ସ୍ଥାନରେ ପୁରୋହିତମାନେ ଘରଘର ବୁଲି ମକର ଚାଉଳ ବଣ୍ଟନ କରିଥାନ୍ତି । ମକର ସଂକ୍ରାନ୍ତିରେ ରାଶି ଶସ୍ୟର ଗୁରୁତ୍ୱ ଅଧିକ । ମକର ସଂକ୍ରାନ୍ତିକୁ ତିଳ ସଂକ୍ରାନ୍ତି କୁହାଯାଏ । ବିଷ୍ଣୁ ଧର୍ମସୂତ୍ର ଅନୁସାରେ ପିତୃଦେବଙ୍କ ଆତ୍ମାର ଶାନ୍ତି ପାଇଁ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ରାଶି ଏକ ଶୁଭ ଫଳଦାୟକ ବୀଜ । ସେଥିପାଇଁ ମକରସଂକ୍ରାନ୍ତି ଦିନ ରାଶି ତେଲ ଲଗାଇବା, ରାଶି ମିଶ୍ରିତ ଜଳରେ ସ୍ନାନ କରିବା ,ରାଶି ଦାନ କରିବା ଏବଂ ରାଶିରେ ପ୍ରସ୍ତୁତ ଖାଦ୍ୟ ଖାଇବା ଅତ୍ୟନ୍ତ ଶୁଭଦାୟକ । ଶୀତ ଦିନେ ଶରୀରକୁ ଉତ୍ତାପର ଆବଶ୍ୟକତା ଥାଏ । ଗୁଡ ଓ ରାଶି ଶରୀରକୁ ଆବଶ୍ୟକ ଉତ୍ତାପ ପ୍ରଦାନ କରନ୍ତି । ପଦ୍ମ ପୁରାଣରେ ବର୍ଣ୍ଣିତ ଅଛି ମକର ସଂକ୍ରାନ୍ତିରେ ରାଶି, ଗୁଡ, ଘିଅ, କମ୍ବଳ,ବସ୍ତ୍ର ଦାନ କଲେ ପୂଣ୍ୟ ଲାଭ ହୁଏ। ମକର ଚାଉଳ ସେବନ କଲେ ପରିବାରର ସଦସ୍ୟମାନଙ୍କର ମଙ୍ଗଳ ହୋଇଥାଏ ବୋଲି ବିସ୍ୱାସ ରହିଛି । ପୁରୀର ବିଭିନ୍ନ ଜାଗାଆଖଡାରେ ସ୍ୱାଦିଷ୍ଟ ମକର ଚାଉଳ ପ୍ରସ୍ତୁତ କରାଯାଇ ମହାବୀରଙ୍କୁ ଭୋଗ କରାଯିବା ସହ ପ୍ରସାଦ ଭାବେ ସମସ୍ତଙ୍କୁ ବଣ୍ଟନ କରାଯାଏ । ମକରସଂକ୍ରାନ୍ତି ଠାରୁ ସୂର୍ଯ୍ୟକିରଣ କ୍ରମଶଃ ଉତ୍ତପ୍ତ ହେଉଥିବାରୁ ହଜମ ଶକ୍ତି ବୃଦ୍ଧି ପାଏ ଓ ଗୁରୁପାକ ଖାଦ୍ୟ ଗ୍ରହଣ କଲେ ମଧ୍ୟ ତାହା ହଜମ ହେଉନଥିବାରୁ ଅରୁଆ ଚାଉଳରେ ପ୍ରସ୍ତୁତ ମକର ଚାଉଳ ଜୀର୍ଣ୍ଣକାରକ । ଓଡିଆଙ୍କ ଆରାଧ୍ୟ ଦେବତା ଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଉତ୍ତରାୟଣ ବା ମକର ଯାତ୍ରା ଅନ୍ୟତମ । ଏହି ଦିନ ମକର ବେଢା,ମକର ବେଶ ସହ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମକର ଭୋଗ ଲାଗି ହୁଏ । ମହାପ୍ରଭୁ ମକର ଚୂଳ ଏବଂ ନୂତନ ବସ୍ତ୍ର ସମେତ ବିଭିନ୍ନ ସୁବର୍ଣ୍ଣ ଅଳଙ୍କାର ଲାଗି ହୋଇଥାନ୍ତି । ମକର ସଂକ୍ରାନ୍ତି ଅବସରରେ ଶ୍ରୀଜିଉଙ୍କ ସକାଳ ଆଳତୀ , ଯାତ୍ରାଙ୍ଗୀ ମହାସ୍ନାନ ପରେ ଘଣ୍ଟଛତା ସର୍ବାଙ୍ଗ ନୀତି ଅନୁଷ୍ଠିତ ହୁଏ । ପୁଷ୍ପାଳକ ସେବକ ରତ୍ନ ସିଂହାସନ ଉପରକୁ ଯାଇ ପ୍ରଭୁ ବଳଭଦ୍ର,ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରାଙ୍କୁ ନୂତନ ବସ୍ତ୍ର ପରିଧାନ କରାଇଥାନ୍ତି । ପ୍ରଭୁଙ୍କୁ ମକର ଚୂଳ ଏବଂ ଫୁଲ ତୁଳସୀ ମାଳ ଲାଗି କରାଯାଇଥିଲା । ଓଡିଆ ମଠ ମହନ୍ତ ଯୋଗାଇଥିବା ମକର ଚୌରାସି ମାଳ ଲାଗି ହୁଏ । ନୂଆ ଅରୁଆ ଚାଉଳ, ଗୁଡ, ଛେନା, ନଡିଆ, କଦଳୀ, ମୂଆଁ, ଖୁଆ, ସରରେ ସେବାୟତଙ୍କ ଦ୍ୱାରା ମକର ଚାଉଳ ପ୍ରସ୍ତୁତ ହୁଏ । ମକର ତାଡରେ ମକର ଚାଉଳ ଅଣାଯାଇ ଠାକୁରଙ୍କ ସମ୍ମୁଖରେ ରଖାଯାଏ । ପୂଜାପଣ୍ଡା ସେବକ ମହାପ୍ରଭୁଙ୍କୁ ମକର ଚାଉଳ ଘୋଗ ଲାଗି କରନ୍ତି । ଶ୍ରୀଜିଉଙ୍କୁ ବନ୍ଦାପନା କରାଯାଇ ଦକ୍ଷିଣି ଘର ଭୋଗ, ଭୋଗମଣ୍ଡପ, ମଇଲମ, ସନ୍ଧ୍ୟା ଆଳତି, ସନ୍ଧ୍ୟା ଧୂପ, ଚନ୍ଦନ ଲାଗି,ବଡସିଂହାର ବେଶ, ବଡସିଂହାର ଭୋଗ ଏବଂ ଟୋପର ଲାଗି ପରେ ରାତ୍ର ପହୁଡ କରାଯାଏ ।

ମକର ସଂକ୍ରାନ୍ତିକୁ ଗୁଡି ଉଡା ପର୍ବ ମଧ୍ୟ କୁହାଯାଏ । ଏହି ଦିନ ନୀଳ ଆକାଶରେ ବିଭିନ୍ନ ରଙ୍ଗର ଗୁଡି ମୁକ୍ତାକାଶରେ ପକ୍ଷୀ ଉଡିବା ପରି ପ୍ରତୀୟମାନ ହୋଇଥାଏ । ଗୁଡି ପର୍ବରେ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ହାତରେ ଗୁଡି ଓ ନଟେଇ ଧରି ପଡିଆ କିମ୍ବା ନଦୀ ପଠାରେ ଗୁଡି ଉଡାଇଥାନ୍ତି । ଆମ ସଂସ୍କୃତି ଓ ପରମ୍ପରା ସହିତ ଗୁଡି ଉଡା ଅଙ୍ଗାଙ୍ଗୀ ଭାବେ ଜଡିତ । ଗୁଡି ଉଡାଇବା ଓଡିଆ ଜାତିର ଏକ ପରମ୍ପରା । ତେବେ ଗୁଡି ଉଡାକୁ ନେଇ କଟକର ପ୍ରସିଦ୍ଧି ପୁରା ରାଜ୍ୟରେ ରହିଆସିଛି । ଉଡି ଉଡି ଉଡି ଯାରେ ଉଡି...ଏ ମୋର ଗୁଡି...ଖାଆନା ଖାଆନା ତୁ କାନି...ଏ ମୋର ଲଚକମଣି..। ଚିର ସବୁଜ ଅକ୍ଷୟ ମହାନ୍ତିଙ୍କ ଏହି ଗୀତ ମକର କଟକବାସୀଙ୍କ କଣ୍ଠରେ ଗୁଣୁଗୁଣୁ ହୁଏ । ଆଦିବାସୀ ବହୁଳ ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ସବୁଠାରୁ ବଡ ପର୍ବ ହେଉଛି ମକର ପର୍ବ । ବିଭିନ୍ନ ସ୍ଥାନରେ ଗଞ୍ଜା ଲଢେଇ, ତୀର ବିନ୍ଧା ପ୍ରତରେଯୋଗୀତା ଓ ଖେଳ ଆଦି ଅନୁଷ୍ଠିତ ହୁଏ । ଏହି ଅବସରରେ ମହାନ୍ତ ସମ୍ପ୍ରଦାୟର ଟୁସୁ ଭସାଣ ଉତ୍ସବ ଅନ୍ୟ ଏକ ଗଣ ପର୍ବ ।

+ଭୁବନ,ଢେଙ୍କାନାଳ
ମୋ-୯୪୩୭୭୨୯୩୮୪



## ଆସିଛି ମକର

### ନୂତନ କୁମାର ବେହେରା

ପୁର ପଲ୍ଲୀଠାରୁ ସାରା ସହର ନଗର
ହେଉଛି ଉତ୍ସବ ମୁଖର
ହସ ହସ ସବୁରି ମୁହଁ ସରସ ସୁନ୍ଦର
ବରଷ ଭିତରେ ଏ ଶୁଭ ଅବସର
ସାଜସଜ୍ଜା ହୋଇଛି ଘରକୁ ଘର
ଆଖି ଅଟକି ରହେ ପଡ଼ିଲେ ନଜର
ଆସିଛି ମକର
ମନ ଉଲ୍ଲସିତ ହୁଏ ସଭିଙ୍କର
କିଣା ହୁଏ ନୂଆ ପୋଷାକ ପତର
ବନ୍ଧୁବାନ୍ଧବଙ୍କଠାରୁ ଆସେ ଶୁଭ ଖବର
ଭାବ ବିନିମୟ ହୁଏ ମଧୁର
ମନେ ପ୍ରାଣେ ଦୁଃଖ ନାହିଁ କାହାର
ଏକ ମନ ମେଳ ସପରିବାରର
ଆସିଛି ମକର
ମୁଖ୍ୟ ରାସ୍ତାରେ ତୋରଣ ତାର
ସନ୍ଦେଶ ଦିଏ ଶୁଭେଚ୍ଛା ଅଭିନନ୍ଦନର
ବାଜେ ବାଜା ଶୁଭେ ଝଙ୍କାର
ନାଚ ତାମସା ଆଖାଡ଼ାର
ଯିଏ ଯା'ର କାମରେ ଅଛନ୍ତି ତତ୍ପର
ପରିବେଶ ପରିମଳ ଲାଗେ ମନୋହର
ଆସିଛି ମକର
ହୁଏ ପିଠା ପଣା କେତେ ପ୍ରକାରର
ମଣ୍ଡା ଆରିସା କାକରା ସ୍ୱାଦ ମଧୁର
ଆୟୋଜନ ହୁଏ ଖିଆପିଆର
ହୁଏ ପୁଣି ଜାନିଯାତ ମେଳାର ଆସର
ଚଳ ଚଞ୍ଚଳେ ଚାଲେ ଗାଡ଼ି ମଟର
କିଣା ହୁଏ ଯା'ଯା' ଦରକାର
ଆସିଛି ମକର
ତିଆରି ହୁଏ ' ମକର କୁମା ' ପିଲାଙ୍କର
ଗାଧୁଆ ହୁଏ ବଡ଼ି ଭୋର ଭୋର
ବଢ଼େ ନୂଆ ଜାମା ପ୍ୟାଣ୍ଟ୍ ର ଆଦର
ବାଣ ଫୁଟାର ଆନନ୍ଦ ବିଭୋର
ଭାଇଚାରାର ଭାବ ପରକୁ କରେ ନିଜର
ମଧୁମୟ ହୁଏ ଭବ ସଂସାର
ଆସିଛି ମକର
କମିଯାଏ ଶୀତ କଷ୍ଟ ହୁଏ ଦୂର
ଉତ୍ତରାୟଣ ଗତିରେ ସୂର୍ଯ୍ୟଦେବଙ୍କର
ସରଛି ଅମଳ ଧାନ ଭର୍ତ୍ତି ଅମାର
ଚାଷିକୁଳ ହସନ୍ତି ସଫଳତାରେ ତାଙ୍କର
ସ୍ୱପ୍ନ ହୋଇଛି ସାକାର
ମିଳିଛି ଶ୍ରମ ସାଧନାର ପୁରସ୍କାର
ଆସିଛି ମକର ......।

+ କୋହି, ବାରିପଦା, ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨

## ମକର ସଂକ୍ରାନ୍ତି

### ରତ୍ନକାନ୍ତି ମିଶ୍ର

ଦେବ ଦିବାକର ହୋଇଲେ ବକର
ଆସିଲା ଯେବେ ମକର
ଛାଡିଲାଣି ଶୀତ ଆସିବ ବସନ୍ତ
କମିବ ହେମ କାକର ।

ଫସଲ ଅମଳ କରି ଚାଷୀକୁଳ
ଘେନିବାକୁ ଦେବାଶିଷ
ମକର ଚାଉଳ ଅର୍ପଣ କରଇ
ପ୍ରାଣେ ପୂଣ୍ୟ ଅଭିଳାଷ

ପଞ୍ଜାବେ ଲୋହରି ବିହୁ ଆସାମରେ
ପୋଙ୍ଗଲ ପୁଣି ଦକ୍ଷିଣେ
ମକର ପରବ ଓଡ଼ିଶା ପ୍ରଦେଶ
ପାଳେ କୋଣେ ଅନୁକୋଣେ ।

ଗମନ୍ତି ମକର କ୍ରାନ୍ତିକୁ ଭାସ୍କର
ତେଜିଣ ଦକ୍ଷିଣ ଗତି
ଦିନ ବଡ଼ ହେଲା ନିୟତି ନିୟମେ
ଛୋଟ ହେଲା ଧୀରେ ରାତି ।

ଗୁଡି ଉଡେଇବା ଅଟେ ପରମ୍ପରା
ଏ ପରା ନିଆରା ପର୍ବ
ମକର ଯାତରା ଲାଗେ ବାରଦିନ
ମନରେ ଉଲ୍ଲାସ ଭାବ ।

ଗଙ୍ଗା ସାଗରରେ ବୁଡ ଦେଲେ ମିଳେ
କୋଟି ତୀର୍ଥ ପୁଣ୍ୟଫଳ
ଚନ୍ଦ୍ରଭାଗା ତୀର୍ଥେ ଜନ ସମାଗମ
ଦେବାକୁ ପବିତ୍ର ବୁଡ ।

ତେର ପରବରୁ ଓଡ଼ିଆ ଜାତିର
ଅଟଇ ଏ ବଡ ପର୍ବ
ମାଧୁର୍ଯ୍ୟ ମଣ୍ଡିତ ମକର ସଂକ୍ରାନ୍ତି
ଆମ ଓଡିଆଙ୍କ ଗର୍ବ ।।

+ଆଳି, କେନ୍ଦ୍ରାପଡା

# ବେତନଟୀଠାରେ ଅଣ୍ଡରପାସ୍ ରାସ୍ତା ପାଇଁ ଶିଳାନ୍ୟାସ କଲେ କେନ୍ଦ୍ର ରେଳମନ୍ତ୍ରୀ



ବେତନଟୀ, ୧୪/୧ (ନି.ପ୍ର): ବେତନଟୀ ଚଣ୍ଡୀ ଛକ ଠାରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ବିଜେପିର କର୍ମକର୍ତ୍ତା ଏବଂ ଜନସାଧାରଣ ଧୂମସା ମାଦଳର ତାଳେ ତାଳେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବଙ୍କୁ ସଭାସ୍ଥଳ ନିକଟକୁ ପାଛୋଟି ନେଇଥିଲେ। ବେତନଟୀ ରେଳ ଷ୍ଟେସନରେ ଆୟୋଜିତ ସଭାକାର୍ଯ୍ୟରେ ଅଣ୍ଡରପାସ୍ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିବା ସହିତ ରିଜର୍ଭେସନ(ପିଆରଏସ) କାଉଣ୍ଟରର ଶୁଭ ଲୋକାର୍ପଣ କରିଥିଲେ। ଦକ୍ଷିଣ-ପୂର୍ବ ରେଳପଥର ଜେନେରାଲ ମ୍ୟାନେଜର ଅନିଲ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏଥିରେ ମାନ୍ୟବର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବଙ୍କ ସହିତ କେନ୍ଦ୍ର ଜନଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଇଂ.ବିଶ୍ୱେଶ୍ୱର ଟୁଡୁ, ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ, ଖଡକପୁର ଡିଭିଜନର ଡିଆରଏମ କେ.ଆର ଚୌଧୁରୀ ପ୍ରମୁଖ ରେଳ ବିଭାଗର ପଦସ୍ଥ ପଦାଧିକାରୀଗଣ ମଞ୍ଚାସୀନ ରହିଥିଲେ। ତେବେ ବେତନଟୀ ରେଳଷ୍ଟେସନରେ ଅଣ୍ଡରପାସ୍ ନିର୍ମାଣ ହଜାର ହଜାର ଅଞ୍ଚଳବାସୀଙ୍କର ସ୍ୱପ୍ନ ଥିବା ବେଳେ ଆଜି ତାହା ସାକାର ହୋଇଥିବାରୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି। ସେହିପରି ବନ୍ଦ ଥିବା କିଛି ରେଳ ଫାଟକ ଏବଂ ବନ୍ଦ ହେବାର ସମ୍ଭାବନା ଥିବା କିଛି ରେଳ ଫାଟକ ଖୋଲା ରଖିବାକୁ ଅଞ୍ଚଳବାସୀଙ୍କ ଦାବି ତଥା ସାମୁହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଧାୟକ ଶ୍ରୀଯୁକ୍ତ ବିଜୁଳି କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀଯୁକ୍ତ ବୈଷ୍ଣବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ପଦ୍ମମାଳୀ ମହିଳା ସଂଗଠନ, ବରିଷ୍ଠ ନାଗରିକ ସଂଘ, ପ୍ରଜାପତି ବ୍ରହ୍ମକୁମାରୀ ସଂଗଠନ ସମେତ ବହୁ ସାମାଜିକ ସଂଗଠନ ଏବଂ ଅନୁଷ୍ଠାନ ପକ୍ଷରୁ ଦାବିପତ୍ର ପ୍ରଦାନ ସହିତ ଆଲୋଚନା କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ରେଳବାଇ ପୋଲିସର ପଦସ୍ଥ ଅଧିକାରୀଙ୍କ ସମେତ ଆରପିଏଫ ମୁତୟନ କରାଯାଇଥିଲା। ସେହିଭଳି ବେତନଟୀ ଏସଡିପିଓ ସୁଦର୍ଶନ ଦାଶ, ଆଇଆଇସି ସସ୍ମିତା ମହାନ୍ତ, ବୈଶିଙ୍ଗା ଥାନା ଆଇଆଇସି ତପନ ପ୍ରଧାନଙ୍କ ସମେତ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଏହି ସଭାରେ ୩୫ ନଂ ଜୋନର ମଣ୍ଡଳ ସଭାପତି ରାଜକିଶୋର ସାହା,୩୬ ନଂ ଜୋନର ମଣ୍ଡଳ ସଭାପତି ରତିକାନ୍ତ ମହାନ୍ତ,୩୭ ନଂ ଜୋନର ମଣ୍ଡଳ ସଭାପତି ସର୍ବେଶ୍ୱର ନାୟକ, ଜିଲ୍ଲାର ଉପସଭାପତି ପ୍ରଦୀପ ପରିଡ଼ା, ପୂର୍ବତନ ୩୬ ନଂ ଜୋନର ଜିଲ୍ଲା ପରିଷଦ ବ୍ରଜମୋହନ ବେହେରା (କୁନମୁନ) ମହିଳା ମୋର୍ଚ୍ଚାର ଜିଲ୍ଲା ସଂପାଦିକା ଅମ୍ବିକା ବାରିକଙ୍କ ସମେତ ଖଗେନ୍ଦ୍ର ସାହୁ,ସଞ୍ଜୟ ବେହେରା, ଅଲୟ ପ୍ରଧାନ, ତପନ କୁମାର ନାୟକ, ଶିଶିର ବେହେରା, ରଣଜିତ ପ୍ରଧାନ, ଅଜୟ ବେହେରା, ଜଗବନ୍ଧୁ ପଣ୍ଡା, ଜୀବନ ପରିଡା, କୁନା ମହାନ୍ତ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ସମସ୍ତ କାର୍ଯ୍ୟକ୍ରମ ସାଙ୍ଗକୁ ମନ୍ତ୍ରୀଙ୍କ ଗସ୍ତ ସମ୍ପୂର୍ଣ୍ଣ ଶୃଙ୍ଖଳିତ ରହିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭିଜିଲାନ୍ସ ଏସ୍‌ପିର ପରିଚୟ ...

ଅଭିଯୁକ୍ତ ମନୋଜ କୁମାର ମାଝୀ ନିଜକୁ ଭିଜିଲାନ୍ସ ଏସ୍‌ପି ପ୍ରକାଶଙ୍କ ପରିଚୟ ଦେଇ ମନୋଜ କୁମାର ଚୌଧୁରୀଙ୍କୁ ଫୋନ୍ କରିଥିଲେ। ଭିଜିଲାନ୍ସର ବିଭିନ୍ନ ସ୍ଥାନରେ କୋଠା କାମ ଆରମ୍ଭ ହେବାକୁ ଥିବାରୁ ସେ ତାଙ୍କୁ ଫୋନ୍ କରିଥିବା କହିଥିଲେ। କାମ ଦେବାକୁ କହି ଠକ ମନୋଜ କୁମାର ମାଝୀ ଠିକାଦାର ମନୋଜ କୁମାର ଚୌଧୁରୀଙ୍କ ଠାରୁ ପ୍ରଥମେ ୫ ଲକ୍ଷ ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ ୨ ଲକ୍ଷରୁ ଅଧିକ ଟଙ୍କା ନେଇଥିଲେ। କିନ୍ତୁ ଟଙ୍କା ପାଇବା ପରେ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ହୋଇଯାଇଥିଲା। ଠିକାଦାର ମନୋଜ କୁମାର ଚୌଧୁରୀଙ୍କ ଠାରୁ ଅଭିଯୋଗ ପାଇବା ପରେ ସାଇବର ଥାନା ପୁଲିସ୍ ପକ୍ଷରୁ ଘଟଣାର ତଦନ୍ତ କରାଯାଇଥିଲା। ତଦନ୍ତ ବେଳେ ଫିଟି ଥିଲା ମନୋଜ କୁମାର ମାଝୀଙ୍କ ଗୁମର। ତା'ପରେ ତାଙ୍କୁ ଗିରଫ କରାଯାଇଥିଲା। ଏସିପି ଗୌତମ କିଶାନ କହିଛନ୍ତି, ଅଭିଯୁକ୍ତ ମନୋଜ କୁମାର ମାଝୀ ଉଦଳାର ଝାଡ଼େଶ୍ୱରୀ କଲେଜରେ ସାଇକୋଲୋଜିର ଅଧାପକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ସେହି ସମୟରୁ ସେ ଏଭଳି ଠକେଇ କାମରେ ଲିପ୍ତ ଥିଲେ। ତାଙ୍କ ନାଁରେ ଇଓ୍ୱଡବ୍ଲ୍ୟୁ, ଗଞ୍ଜାମ, ପୁରୀ ଓ ମୟୂରଭଞ୍ଜ ଆଦିରେ ୫ଟି ମାମଲା ରହିଛି। ସେ ଶିକ୍ଷିତ। ତେଣୁ ଭଲ ଭଲ କଥା କହି ଲୋକଙ୍କୁ ସହଜରେ ଫସାଇ ଦେଉଥିଲେ। ଲୋକେ ବି ତାଙ୍କ କଥାରେ ଭାସି ଯାଇଥିଲେ ଓ ଠକାମୀର ଶିକାର ହୋଇଥିଲେ।

### ବାଡ଼ିରୁ ଶିଶୁର ...

ପରେ ସ୍ଥାନୀୟ ଲୋକ ଜାଣିବା ପରେ କଟାମୁଣ୍ଡଟିକୁ ଦେଖିବାକୁ ସମସ୍ତେ ଆସିଥିଲେ। କୁକୁର କଟାମୁଣ୍ଡଟିକୁ ଖାଉ ଥିବାର ସମସ୍ତେ ଦେଖି ଭୟଭୀତ ହୋଇଥିଲେ। ଲୋକ ଆସିବାରୁ କୁକୁର ମୁଣ୍ଡଟିକୁ ନେଇ କୁଆଡ଼େ ପଳାଇଥିଲା। ଆଉ ସ୍ଥାନୀୟ ଲୋକେ କଟାମୁଣ୍ଡକୁ ଖୋଜିଖୋଜି ପାଇନଥିଲେ। ତେବେ ଆଜି ସକାଳୁ ଯାଜପୁରରୋଡ଼ ପୁଲିସକୁ ଏନେଇ ଖବର ଦେଇଥିଲେ ଗ୍ରାମବାସି। ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି ପରେ କଟା ମୁଣ୍ଡକୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି ପୁଲିସ। ତେବେ କଟାମୁଣ୍ଡ ଶିଶୁଟିର ପରିଚୟ ମଳିପାରି ନଥିବାବେଳେ କେଉଁ ପରିସ୍ଥିତିରେ ଏଠାକୁ ଆସିଲା ସେନେଇ କିଛି ସ୍ପଷ୍ଟ ହୋଇନାହିଁ। କଟାମୁଣ୍ଡକୁ ଦେଖିଲାବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

# ବିଶିଷ୍ଟ ସମାଜସେବୀଙ୍କ ଦେହାନ୍ତରେ ଶୋକ

ବସ୍ତା, ୧୪/୧ (ନି.ପ୍ର): ବସ୍ତା ବ୍ଲକ ଅବିଭକ୍ତ ସାହାଡା ପଞ୍ଚାୟତ ଇଡିଦା ଗ୍ରାମର ବିଶିଷ୍ଟ ସମାଜ ସେବୀ ଦୁଇ ଦୁଇ ଥର ପୂର୍ବତନ ସରପଞ୍ଚ ନିଗମେନ୍ଦ୍ର ନାରାୟଣ ପ୍ରହରାଜ ଓରୋଫ (କୁନି ବାବୁ) (୭୮)ବର୍ଷରେ ହୃଦଘାତରେ ଶନିବାର ସଂଧ୍ୟା ୭.ଟା୫୦ମିନିଟ ସମୟରେ ଭୁବନେଶ୍ୱର କେୟାର ହସପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ବରଣ କରିଛନ୍ତି । ମୃତ୍ୟୁ ସମୟରେ ସ୍ତ୍ରୀ ମଞ୍ଜୁବାଳା ପ୍ରହରାଜ. ସାନପୁଅ ମୋତିନ୍ଦ ପ୍ରହରାଜ ବହୁ ପଦ୍ମାଳୟା ପ୍ରହରାଜ ଉପସ୍ଥିତଥିଲେ ।ସେ ଯଣେ ସୁ ବିଚାରକ ଧର୍ମପରାୟଣ କର୍ତ୍ତବ୍ୟନିଷ୍ଠ ମିଷ୍ଟଭାଷି ଦରଦି ମଣିଷ ଭାବେ ବସ୍ତା ବାଲିଆପାଳ ଅଞ୍ଚଳ ରେ ବେଶ ଜଣାଶୁଣାଥିଲେ ।ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ତାଙ୍କ ଶେଷ ଦର୍ଶନ ପାଇଁ ବହୁ ମାନ୍ୟଗନ୍ୟ ବ୍ୟକ୍ତି ତାଙ୍କ ବାସଭବନ ରେ ପହଞ୍ଚି ଦର୍ଶନକରିବା ସହିତ ସୋକ ସନ୍ତପ ପରିବାରକୁ ସମବେଦନା ଯଣାଇଥିଲେ ।(କୁନିବାବୁ ) ୧୯.୪୬ରେ ଜନ୍ମ ଗହଣ କରି ଜାନୁଆରୀ ୧୩ତାରିଖ ୨୦୨୪ ମସିହାରେ ପ୍ରାଣ ତ୍ୟାଗ କରିଛନ୍ତି ।ତାଙ୍କ ପ୍ରାର୍ଥୀବ ଶରିରକୁ ହରିନାମ ସଂକିର୍ତ୍ତ କରି ଗାଁ ମଶାଣି କୁ ନିଆଯାଇଥିଲା ।ବଡପୁଅ ମନିନ୍ଦ୍ର ପ୍ରହରାଜ ମୁଖାଗ୍ନୀ ଦେଇଥିଲେ ।

# ବ୍ୟାସ କବିଙ୍କ ଜୟନ୍ତୀ ଉପଲକ୍ଷେ ଓଡ଼ିଶା ଲଳିତ କଳା ଏକାଡେମିର ସମସାମୟିକ ଚିତ୍ରକଳା ପ୍ରଦର୍ଶନୀ

ବାଲେଶ୍ୱର, ୧୪/୧ (ନି.ପ୍ର): ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ଓଡ଼ିଶା ଲଳିତ କଳା ଏକାଡେମୀ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଏକ ସମସାମୟିକ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ,ଜିଲ୍ଲା ସଂସ୍କୃତି ଭବନ ,ବାଲେଶ୍ୱରଠାରେ ଉଦଘାଟିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରଦର୍ଶନୀକୁ ଉଦଘାଟନ କରିବା ସହ ଏହିଭଳି ସମସାମୟିକ ଚିତ୍ର ପ୍ରଦର୍ଶନୀ ଦ୍ୱାରା ଜିଲ୍ଲାର ବରିଷ୍ଠ ଓ ଯୁବ ଶିଳ୍ପୀଙ୍କ ପ୍ରଚାର ଓ ପ୍ରସାର ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ ।ଉକ୍ତ ପ୍ରଦର୍ଶନୀରେ ରାଜ୍ୟର ୪୦ଜଣ ବରିଷ୍ଠ ଓ ଯୁବ ଚିତ୍ରଶିଳ୍ପୀ ମାନଙ୍କର ଚିତ୍ର ସ୍ଥାନିତ ହୋଇଛି । ଏହି ପ୍ରଦର୍ଶନୀରେ ସାମ୍ପ୍ରତିକ ସମାଜର ଘଟଣା, ଐତିହାସିକ, ପୌରାଣିକ, ଆଦିବାସୀ ଚିତ୍ରକଳା ମାନ ଆଧୁନିକ ଶୈଳୀରେ ଅଙ୍କାଯାଇଛି। ଯାହା ସାଧାରଣ ଲୋକଙ୍କ ମନକୁ ବେଶ୍ ଛୁଇଁ ପାରିଛି। ଏହି ଅବସରରେ ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ପଞ୍ଚାନନ ସାମଲ ପ୍ରଦର୍ଶନୀର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ଏହି ପ୍ରଦର୍ଶନୀ କଳାର ଓ ନୂତନ କଳାକାର ମାନଙ୍କର ଉନ୍ନତି କରିବାରେ ସାହାଯ୍ୟ କରିବ ବୋଲି ଆଶା ପ୍ରକାଶ କରିଥିଲେ। ପ୍ରଦର୍ଶନୀ ଅବସରରେ ବାଲେଶ୍ୱରର ଚିତ୍ରଶିଳ୍ପୀ ଅରୁଣ ଜେନା, ନିତ୍ୟାନନ୍ଦ ସାହୁ, ବିଶ୍ୱଜିତ ପ୍ରମାଣିକ, ଅନ୍ତର୍ଯ୍ୟାମୀ ସାହୁ , ଦୀପାଞ୍ଜଳୀ ମଲ୍ଲିକ , ନବ ବାରିକ, କବିତା ଦତ୍ତ, କ୍ରୀଷ୍ଣା ଦେବଗୋସ୍ୱାମି, ଅବିନାଶ ପ୍ରଧାନ, ଦୀନକୃଷ୍ଣ ଦାସ,ବସନ୍ତ ବେହେରା, ମୋନାଲି ସେନ,ଗୀତାଞ୍ଜଳି ବେହେରା, ଶକୁନ୍ତଳା ସାହୁ ଆଦି ବରିଷ୍ଠ ଓ ଯୁବ ଚିତ୍ରଶିଳ୍ପୀ ମାନେ ଉପସ୍ଥିତ ଥିଲେ। ପ୍ରଦର୍ଶନୀକୁ ଏକାଡେମୀର ମରୁତ ରାଉତ ପରିଚାଳନା କରିଥିଲେ। ଏହି ପ୍ରଦର୍ଶନୀ ଜାନୁଆରୀ ୧୪ ରୁ ୩୧ ପ୍ରତ୍ୟହ ଦିନ ୧୧ଟା ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିବ।

# ହାତ ଛାଡ଼ି ଏକନାଥ ସିନ୍ଦେଙ୍କ ଧନୁ ତୀର ଧରିଲେ ମିଲିନ୍ଦ



ନୂଆଦିଲ୍ଲୀ, ୧୪/୧ : ହାତ ଛାଡି ଏକନାଥ ସିନ୍ଦେଙ୍କ ଧନୁ ତୀର ଧରିଲେ ପୂର୍ବତନ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ମିଲିନ୍ଦ ଦେଓରା। ଆଜି ସକାଳୁ କଂଗ୍ରେସରୁ ଇସ୍ତଫା ଦେଇଥିବା ମିଲିନ୍ଦ ସିନ୍ଦେ ଗ୍ରୁପର ଶିବ ସେନାରେ ସାମିଲ ହୋଇଛନ୍ତି। ସେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଉପସ୍ଥିତିରେ ଦଳରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି। ଏହି ସମୟରେ ଶିବ ସେନା ପକ୍ଷରୁ ତାଙ୍କୁ ଗେରୁଆ ରଙ୍ଗର ବାନା ମଧ୍ୟ ଭେଟି ଦିଆଯାଇଛି। ଭାରତ ଯୋଡୋ ନ୍ୟାୟ ଯାତ୍ରା ଠିକ୍ ଆରମ୍ଭ ହେବା ପୂର୍ବରୁ ଆଜି ସକାଳୁ କଂଗ୍ରେସର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଥିଲେ ମିଲିନ୍ଦ ଦେଓରା। ପୂର୍ବରୁ ସେ ଶିବସେନାରେ ସାମିଲ ହେବେ ବୋଲି ମଧ୍ୟ କୁହାଯାଉଥିଲା। ତେବେ ଶନିବାର ପର୍ଯ୍ୟନ୍ତ ଦେଓରା କଂଗ୍ରେସ ଛାଡିବା ଖବରକୁ କେବଳ ଗୁଜବ ବୋଲି କହୁଥିଲେ। ତାଙ୍କ ଦଳ ଛାଡିର ଟାଇମିଂକୁ ନେଇ କଂଗ୍ରେସ ପ୍ରଶ୍ନ ମଧ୍ୟ ଉଠାଇଥିଲା। ଶିବ ସେନାରେ ଯୋଗଦେବା ପରେ ମିଲିନ୍ଦ ଦେଓରା କହିଛନ୍ତି ଯେ 'ଆଜି ମୋ ପାଇଁ ଏକ ଭାବପ୍ରବଣ ଦିନ। ମୁଁ ଭାବୁଥିଲି ଯେ, ମୁଁ କେବେ କଂଗ୍ରେସର ହାତ ଛାଡିବି ନାହିଁ। କଂଗ୍ରେସ ଏବଂ ମୋର ୫୫ବର୍ଷର ସମ୍ପର୍କ ଥିଲା, କିନ୍ତୁ ଆଜି ମୁଁ ଏହାକୁ ଛିନ୍ନ କରୁଛି।' ମିଲିନ୍ଦ ଦେଓରା ହେଉଛନ୍ତି କଂଗ୍ରେସର ଅନ୍ୟତମ ଜଣାଶୁଣା ନେତା ସ୍ୱର୍ଗତଃ ମୂରଲୀ ଦେଓରାଙ୍କ ପୁଅ। ମିଲିନ୍ଦ ଦେଓରା ୨୦୦୪ ଓ ୨୦୦୯ ଲୋକସଭା ନିର୍ବାଚନରେ କଂଗ୍ରେସ ଟିକେଟରେ ମୁମ୍ବାଇ ସାଉଥ୍ ଆସନରୁ ବିଜୟୀ ହୋଇଥିଲେ। ୨୦୧୪ ଓ ୨୦୧୯ରେ ସେ ଏହି ଆସନରୁ ପରାଜିତ ହୋଇଥିଲେ। ଏହି ଦୁଇ ଥର ସେ ଶିବ ସେନା (ସେତେବେଳେ ଭାଗ ହୋଇ ନଥିଲା) ନେତା ଅରବିନ୍ଦ ସାଓ୍ୱନ୍ତଙ୍କ ନିକଟରୁ ପରାସ୍ତ ହୋଇଥିଲେ। ଶିବ ସେନା ଭାଗ ହେବା ପରେ ଅରବିନ୍ଦ ସାଓ୍ୱନ୍ତ ରହିଛନ୍ତି ଉଦ୍ଧବ ଠାକରେଙ୍କ ସହିତ। ଇଣ୍ଡି ମେଣ୍ଟରେ ଥିବା ଉଦ୍ଧବ ଠାକରେଙ୍କ ଶିବ ସେନା ମୁମ୍ବାଇ ସାଉଥ୍ ଲୋକସଭା ଆସନ ମାଗୁଛି। ଦଳ ଏନେଇ ଖୋଲାଖୋଲି ଘୋଷଣା କରୁଥିବା ବେଳେ ଏଥିରେ ଅସନ୍ତୁଷ୍ଟ ଥିଲେ ମିଲିନ୍ଦ ଦେଓରା। କଂଗ୍ରେସ ଛାଡ଼ିବା ପଛରେ ଏହା ଅନ୍ୟତମ କାରଣ ବୋଲି କୁହାଯାଉଛି। କାରଣ କଂଗ୍ରେସରେ ରହିଥିଲେ ହୁଏତ ସେ ମୁମ୍ବାଇ ସାଉଥ୍ ଲୋକସଭା ଆସନରୁ ଆଉ ଟିକେଟ୍ ପାଇ ନଥା'ନ୍ତେ।

# ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ : ଡ଼. ଚନ୍ଦ୍ର କୁମାର ପଟ୍ଟନାୟକ




ଉଦଳା , ୧୪/୧ (ନି.ପ୍ର): ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟ ପରିସରରେ +୨ ଓ +୩ ବିଭାଗ ତରଫରୁ ସ୍ୱମୀ ବିବେକାନନ୍ଦଙ୍କ ଜୟନ୍ତି (ଜାତୀୟ ଯୁବ ଦିବସ) ପୃଥକ ପୃଥକ ଭାବରେ ପାଳିତ ହୋଇ ଯାଇଛି । +୩ରେ ଥିବା ଯୁବ ରେଡ଼କ୍ରସ, ଜାତୀୟ ସେବା ଯୋଜନା ଓ ମୋ କଲେଜ ଅଭିଯାନ ତରଫରୁ ଏହି ଦିବସ ପାଳନ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ଅଧ୍ୟାପକ ଡ଼. ଶାନ୍ତ ସୁନ୍ଦର ଆଚାର୍ଯ୍ୟ ଏହାର ନେତୃତ୍ୱ ନେବା ସହିତ ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ସେହିପରି +୨ ବିଭାଗରେ ମହାବିଦ୍ୟାଳୟର ଅଧକ୍ଷ ଡ଼. ଚନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଆଲୋଚନା ଚକ୍ରରେ ଅଧାପକ ସନ୍ତୋଷ କୁମାର ମହାନ୍ତି, ଶଙ୍କର୍ଷଣ ମିଶ୍ର ଓ ଡ଼. ଶ୍ରୀହରି ପଣ୍ଡା ଅଂଶ ଗ୍ରହଣ କରି ସ୍ୱାମି ବିବେକାନନ୍ଦ କିପରି ସମଗ୍ର ପୃଥିବୀର ଜନମାନସକୁ ପ୍ରଭାବିତ କରିପାରିଥିଲେ ସେ ସମ୍ପର୍କରେ ଆଲୋକପାତ କରିଥିଲେ ।

# ରାଜଧାନୀ ଉପକଣ୍ଠରେ ହତ୍ୟାକାଣ୍ଡ

ଭୁବନେଶ୍ୱର, ୧୪/୧ (ନି.ପ୍ର): ରାଜଧାନୀରେ ଚାଂଚଲ୍ୟ । ରାଜଧାନୀ ଉପକଣ୍ଠରେ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ବାଲିଅନ୍ତା ସାଗୁଆ ଗାଁରେ ଯୁବକଙ୍କ ତଣ୍ଟି କାଟି ହତ୍ୟା କରାଯାଇଛି । ମୃତ ଯୁବକଙ୍କ ନାଁ ବିଶ୍ୱଜିତ ନାୟକ । ଦୁଇଦିନ ହେବ ବନ୍ଦ ଘରେ ପଡ଼ିରହିଥିଲା ମୃତଦେହ । ତେବେ ଗନ୍ଧ ହେବାରୁ ସନ୍ଦେହରେ ପୋଲିସକୁ ଖବର ଦେଇଥିଲେ ସ୍ଥାନୀୟ ଲୋକେ । ଘଟଣା ସ୍ଥଳରେ ବାଲିଅନ୍ତା ଥାନା ପୋଲିସ ଛାନଭିନ୍ କରୁଛି ।

# ଫକୀରମୋହନ ଜୟନ୍ତୀ ଓ ପୁସ୍ତକ ଉନ୍ମୋଚନ ଉତ୍ସବ



ବାଲେଶ୍ୱର, ୧୪।୧(ନି.ପ୍ର): ଫକୀରମୋହନ ସେନାପତିଙ୍କ ୧୮୨ତମ ଜୟନ୍ତୀ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଆଜି ପୂର୍ବାହ୍ନରେ ସ୍ଥାନୀୟ ଗୋପବନ୍ଧୁ ପାର୍କ ପରିସରରେ ଫକୀରମୋହନ ଗୋଲେଇ ଚା' ଆସର, ଆମେ ଏକାଠି ଓ ଭଏସ୍ ଅଫ୍ ବାଲେଶ୍ୱର ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଫକୀରମୋହନ ମହାବିଦ୍ୟାଳୟ ଅଧିସ୍ନାତକ ଓଡ଼ିଆ ବିଭାଗ ମୁଖ୍ୟ ଡ. ସନ୍ତୋଷକୁମାର ନାୟକ ମୁଖ୍ୟ ଅତିଥି ତଥା ଉନ୍ମୋଚକ ଭାବେ ଯୋଗ ଦେଇଥିଲେ। ଆମେ ଏକାଠି ସଙ୍ଗଠନର ମୁଖ୍ୟ ସମାଜସେବୀ ଗୋପାମୁଦ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ ଓ ସ୍ଥାନୀୟ କାଉନସିଲର ସତ୍ୟଶିବସୁନ୍ଦର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ 'ଉତ୍ପଳ ମହାନ୍ତିଙ୍କ ବାଲେଶ୍ୱର' ପୁସ୍ତିକାକୁ ଅତିଥିଗଣ ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥି ଡ. ନାୟକ ନିଜ ବକ୍ତବ୍ୟରେ ଡାକମୁନସୀ ଗଳ୍ପର ଉଦାହରଣ ଦେଇ ଫକୀରମୋହନଙ୍କ ସାହିତ୍ୟରେ କିପରି ତତ୍କାଳୀନ ସାମାଜିକ ଓ ସାଂସ୍କୃତିକ ଚିତ୍ର ପ୍ରତିଫଳିତ ହୋଇଛି ତାର ଉଦାହରଣ ଦେବା ସହ ଉତ୍ପଳ ମହାନ୍ତିଙ୍କ ଏକପଦୀ କବିତା ଗୁଡ଼ିକରେ ବାଲେଶ୍ୱର ସହରର ସମସାମୟିକ ଚିତ୍ର ପ୍ରତିଫଳିତ ହୋଇଥିବା କହିଥିଲେ। ଗାଳ୍ପିକ ଶ୍ରୀ ବିଶ୍ୱାଳ କବି ଶ୍ରୀ ମହାନ୍ତିଙ୍କ କବି ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ନୃତ୍ୟ ସଙ୍ଗୀତ କଳାମନ୍ଦିର ସମ୍ପାଦକ ଶରତଚନ୍ଦ୍ର ଦାଶ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, କବି ଶ୍ରୀଦେବ, କବି ପ୍ରଶାନ୍ତ ଦାସ ଓ ସୁଜିତକୁମାର ଦେବଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ସଙ୍ଗଠକ ରାଜେଶ ଗିରି ଅତିଥିଙ୍କ ମଞ୍ଚ ଆହ୍ୱାନ କରିଥିବା ବେଳେ କବି ଉତ୍ପଳ ମହାନ୍ତି ସ୍ୱାଗତ ଅଭିଭାଷଣ ରଖିଥିଲେ। ଶେଷରେ ଅରିଜିତ ଘୋଷାଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସଭା ଆରମ୍ଭ ପୂର୍ବରୁ ଫକୀରମୋହନ ଗୋଲେଇରେ ଥିବା ଫକୀରମୋହନଙ୍କ ପ୍ରତିମୂର୍ତ୍ତି ଓ ଗୋପବନ୍ଧୁ ପାର୍କରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ କବି ପ୍ରଶାନ୍ତ ଦାସ, ସେଇଠୁ ଆରମ୍ଭ'ର ସମ୍ପାଦକ ଶୁଭେନ୍ଦୁ ଦାସ, ବରିଷ୍ଠ ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ, କବି ମଧୁସୂଦନ ମିଶ୍ର, କବି ଉତ୍ପଳ ମହାନ୍ତି, ଇଂ ଗୌତମ ସେଠୀ, ସୁକୁମାର ଘୋଷ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଡ. ହରିଶ୍ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସମାଜସେବୀ ସୁବାସିନୀ ଜେନାଙ୍କ ପକ୍ଷରୁ ମିଡିଆ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ




ଲଙ୍ଗଳେଶ୍ୱର, ୧୪/୧ (ନି.ପ୍ର): ବସ୍ତା, ବାଲିଆପାଳ, ଜଳେଶ୍ୱର, ଭୋଗରାଇ ସମେତ ଉତ୍ତର ବାଲେଶ୍ୱରର ସମସ୍ତ ମିଡିଆ ବନ୍ଧୁମାନଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବ ବାଲିଆପାଳ ବ୍ଲକ ଯମୁନାଶୂଳ ସମୁଦ୍ର ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି । ରେବତୀ ପତ୍ରିକାର ସଂପାଦିକା ତଥା ବରିଷ୍ଠ ସମାଜସେବୀ ସୁବାସିନୀ ଜେନା ଏହି ବନ୍ଧୁମିଳନ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ସମାଜର ବିକାଶ ସହିତ ସାମଗ୍ରିକ ଉନ୍ନତି କ୍ଷେତ୍ରରେ ସାମ୍ବାଦିକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସାମ୍ବାଦିକମାନେ ସଠିକ୍ ନିଷ୍ପତି ଏବଂ ସୁନିର୍ଣ୍ଣୟର ମାର୍ଗଦର୍ଶକ ହୁଅନ୍ତୁ ବୋଲି ଶ୍ରୀମତୀ ଜେନା ତାଙ୍କ ବକ୍ତବ୍ୟରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଗିରି, ପ୍ରଫୁଲ୍ଲ କୁମାର ପାତ୍ର, ରବି ରଂଜନ ତ୍ରିପାଠୀ, ବାବୁନି ବେହେରା, ସନ୍ୟାସୀ ବେହେରା, ମନୀଷ ରାଇମଙ୍ଗିଆ, ରାଜକିଶୋର ପାତ୍ର, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ବ୍ଲକ ସଂଯୋଜକ ବ୍ୟୋମକେଶ ସାହୁ, ତ୍ରିଲୋଚନ ରାଉତ ପ୍ରମୁଖ ଯୋଗଦେଇ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ଏବଂ ସମାଧାନ ଦିଗରେ ଆଲୋଚନା କରିଥିଲେ । ଏଥିସହିତ ଆୟୋଜକ ଶ୍ରୀମତୀ ଜେନା ମିଡିଆ ପରିବାର ଭିତରେ ଥିବାରୁ ତାଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିବା ପାଇଁ ଆହ୍ୱାନ କରିଥିଲେ ।

# ଅଯୋଧା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ୨୦୨୪ ଅନୁଷ୍ଠିତ

ନୀଳଗିରି , ୧୪/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଯୋଧା ପଞ୍ଚାୟତ ଅଧିନ ଅଯୋଧା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଗତ ୧୩ତାରିଖ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ଇଡକୋର ମୁଖ୍ୟ ପ୍ରବନ୍ଧକ ସରୋଜ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୃଢ ଇଛାଶକ୍ତି ଓ କଠିନ ପରିଶ୍ରମ ଛାତ୍ରଛାତ୍ରୀଙ୍କୁ ସଫଳତା ଆଣି ଦେଇଥାଏ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲର ଏଡମିନିଷ୍ଟ୍ରେସନ ମନୋରମା ଭୂୟାଁ , ମୁଖ୍ୟ ବକ୍ତା ଭାବେ ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ଦିଲ୍ଲୀପ କୁମାର ଘୋଷ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥି ଭାବେ ଅଯୋଧା ଗ୍ରାମପଞ୍ଚାୟତର ସରପଞ୍ଚ ତାରିଣୀ ସିଂ, ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭାପତି ବାମନ ଚନ୍ଦ୍ର ମହାନ୍ତି ଏବଂ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ସୁଶାନ୍ତ କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଂଶୀଧର ପଢିଆରି ମଞ୍ଚପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ମଧୁସ୍ମିତା ସିଂହ ଅତିଥି ପରିଚୟ ଏବଂ ଆଲଫା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚ କାର୍ଯ୍ୟକ୍ରମ ସରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।କୃତି ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷୟତ୍ରୀ ଜ୍ୟୋସ୍ନାମୟୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିନନ୍ଦନ



ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଏହି ଅବସରରେ ପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ ସୁସ୍ଥ ଓ ନିରାମୟ ରଖନ୍ତୁ।

**ଇଂ. ଅଶ୍ୱିନୀ କୁମାର ଦଣ୍ଡପାଟ**
ଅଧୀକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ, ବାରିପଦା

## ଅଭିନନ୍ଦନ



ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଈଶ୍ୱର ସମସ୍ତଙ୍କର ମଙ୍ଗଳ କରନ୍ତୁ।

**ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ**
ଚେୟାରମ୍ୟାନ,ସାଇସାଧନା କଲେଜ ଅଫ୍ ବେସିକ୍ ସାଇନ୍ସ
ଦିବ୍ୟସିଂହପୁର, ଉଦଳା, ମୟୂରଭଂଜ

## ଅଭିନନ୍ଦନ



ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଏହି ଅବସରରେ ପ୍ରଭୁ ଜଗନ୍ନାଥ ସମସ୍ତଙ୍କ ଜୀବନରେ ଆନନ୍ଦ ଓ ଉଲ୍ଲାସ ଭରିଦିଅନ୍ତୁ, ଏତିକି ପ୍ରାର୍ଥନା।

**ପ୍ର. ଗିରିଜା ଶଙ୍କର ଶର୍ମା**
ବିଶିଷ୍ଟ କବି, ଫୁଲେଶ୍ୱରୀ ବିହାର
ପାତ୍ରପଡ଼ା, ଭୁବନେଶ୍ୱର


# ଫକୀରମୋହନ ସାହିତ୍ୟ ପରିଷଦରେ ବ୍ୟାସକବିଙ୍କ ଜୟନ୍ତୀ ସମାରୋହ ଉଦ୍‌ଘାଟିତ



ବାଲେଶ୍ୱର, ୧୪/୧ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ ବ୍ୟାସକବି ଫକୀରମୋହନ ସେନାପତିଙ୍କର ୧୮୨ତମ ଜୟନ୍ତୀ ଓ ପରିଷଦର ୭୭ତମ ବାର୍ଷିକ ଉତ୍ସବକୁ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ଅଶ୍ୱିନୀ ପାତ୍ର ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିବା ଅବସରରେ କହିଲେ ଯେ ସାହିତ୍ୟ ହିଁ ଗୋଟିଏ ଜାତିକୁ ଦିଗ୍‌ଦର୍ଶନ ଦିଏ। ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଆମର ମମତ୍ୱବୋଧ ହିଁ କଥାସମ୍ରାଟ ଫକୀରମୋହନଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଯଶସ୍ୱୀ ସାରସ୍ୱତ ସାଧକ ଡ. କୈଳାସଚନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଫକୀରମୋହନ ସଂପର୍କିତ ଅନେକ ଅନାଲୋଚିତ ଦିଗ ପ୍ରତି ଆଲୋକପାତ କରିଥିଲେ। ବରେଣ୍ୟ ଅତିଥି ତଥା ବାଲେଶ୍ୱର ସଦରର ମାନ୍ୟବର ବିଧାୟକ ସ୍ୱରୂପ କୁମାର ଦାସ ତାଙ୍କ ବକ୍ତବ୍ୟରେ ଶାନ୍ତିକାନନରେ ନୂତନ ଗ୍ରନ୍ଥାଗାର, ମ୍ୟୁଜିୟମ ଓ ରାଇଟର୍ସ କଟେଜ୍ ଇତ୍ୟାଦିର ନିର୍ମାଣକାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରାଯିବ ବୋଲି ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ତଥା ବ୍ରିଟ୍ ଅଧକ୍ଷ ଆଲୋକ ସାହୁ ପରିଷଦରେ ନିରନ୍ତର ଚାଲିଥିବା ସାରସ୍ୱତ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହିତ ପରିଷଦ ପ୍ରତି ତାଙ୍କର କର୍ତ୍ତବ୍ୟକୁ ସେ ନିଷ୍ଠାର ପାଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପରିଷଦର ମୁଖପତ୍ର 'ସାହିତ୍ୟବାହିକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଥିବା ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ନଗଦ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପ୍ରବନ୍ଧ ପ୍ରତିଯୋଗିତାରେ ଡ. ଶିରୀଶ ଚନ୍ଦ୍ର ଜେନା, କବିତା ଆବୃତ୍ତି ପ୍ରତିଯୋଗିତାରେ ଅରୁଣା ରାୟ, ପ୍ରତିମା ପଣ୍ଡା, ସ୍ମୃତି ଦାସ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅରୁଣ ଜେନା, ତାପସ ପଣ୍ଡା ଓ ସଂଜୟ ରାଉଳ ପ୍ରମୁଖ ବିଚାରକ ଭାବେ ନିଜର ଦାୟିତ୍ୱ ନିର୍ବାହ କରିଥିଲେ। ପରିଷଦର ସଂପାଦକ ପ୍ରାକ୍‌ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚଆବାହନ କରିଥିବାବେଳେ କରୁଣାକର ରଥ ଶେଷକଥା ରଖିଥିଲେ। ଉପସଭାପତି ପ୍ରଦୀପ ଚାଟ୍ଟାର୍ଜୀ, ଦୀନବନ୍ଧୁ ଲେଙ୍କା, କୋଷାଧକ୍ଷ ତପନ ରାୟ, ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ସମସ୍ତ କାର୍ଯ୍ୟ ସଂପାଦନା କରିଥିଲେ। ସନ୍ଧ୍ୟାରେ 'ନାୟିକା' ପ୍ରଯୋଜିତ ସୁସ୍ମିତା ରଣାଙ୍କ ନିର୍ଦ୍ଦେଶନାରେ 'ସୁଅ' ନାଟକ ମଞ୍ଚସ୍ଥ ହୋଇଥିଲା।

# ରୂପସା ଷ୍ଟେସନ ସମସ୍ୟା ନେଇ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ବସ୍ତା, ୧୪/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ରୂପସା ରେଳ ଷ୍ଟେସନରେ ଥିବା ସମସ୍ୟା ନେଇ ଅସନ୍ତୋଷ ଦେଖା ଦେଇଛି । ଏନେଇ ବାରମ୍ବାର ରେଳ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ସମସ୍ୟାର ସମାଧାନ ହେଉନାହିଁ। ରବିବାର ବାଲେଶ୍ୱର ଏମ୍ସ ସାଟେଲାଇଟ ସେଣ୍ଟର ରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ରୂପସା ଆଞ୍ଚଳିକ ବିକାଶ ପରିଷଦ ଓ ରେଳ ବ୍ୟବହାରକାରୀ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଛି। ରୂପସା ଷ୍ଟେସନରେ ଡ଼ାଉନ ଜଗନ୍ନାଥ ଏକ୍ସପ୍ରେସର ରହଣି, ବାରିପଦା-ରୂପସା ପାସେଞ୍ଜର ଟ୍ରେନ ପୂର୍ବଭଳି ବାଲେଶ୍ୱର ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବା, ଷ୍ଟେସନର ଉତ୍ତର କେବିନ ଠାରେ ଖୁବଶୀଘ୍ର ଫ୍ଲାଏ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ଦିଲ୍ଲୀ ଯାଉଥିବା କୌଣସି ଟ୍ରେନର ରହଣି ହେବା ଏବଂ ଚାରି ନମ୍ବର ପ୍ଲାଟଫର୍ମରେ ନୂତନ ଟିକଟ ଭେଣ୍ଡିଂ ମେସିନ ସ୍ଥାପନ କରିବା ଆଦି ସମ୍ବଳିତ ଦାବିପତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ପରିଷଦର ସଭାପତି ଭଗବାନ ମହାପାତ୍ର, ସଂପାଦକ ସୁଧାକର ଗିରି, ପୂର୍ବତନ ଜିଲା ପରିଷଦ ସଭ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ, ସାଂସଦ ପ୍ରତିନିଧି ଶୁଭେଶ ନାଏକ, କର୍ମକର୍ତ୍ତା ହରେନ୍ଦ୍ର କୁମାର ଦାସ, ରାଉତପଡା ସମବାୟ ସମିତି ସଭାପତି ଦେବାଶିଷ ମହାପାତ୍ର, ଅନ୍ନଦା ପ୍ରସନ୍ନ ପଟ୍ଟନାୟକ, ମନୋରଞ୍ଜନ ପ୍ରଧାନ, ଜଗଦୀଶ ପଟ୍ଟନାୟକ, ବାଞ୍ଛାନିଧି ଦେ ପ୍ରମୁଖ ଉପସ୍ଥିତ ଥିଲେ। ବାଲେଶ୍ୱର ସାଂସଦ, ବିଧାୟକ, ଜିଲାପାଳ, ରେଳବାଇ ଜେନେରାଲ ମ୍ୟାନେଜର ଏବଂ ଡ଼ିଆରଏମଙ୍କୁ ମଧ୍ୟ ଦାବି ସମ୍ପର୍କରେ ଅବଗତ କରାଯାଇଛି।

# ପୋଙ୍ଗଲର ପ୍ରଥମ ଦିନରେ ପାଳିତ ହେଲା ଭୋଗି ଉତ୍ସବ

ଭୁବନେଶ୍ୱର, ୧୪ /୧ (ନି.ପ୍ର): ଆଜିଠୁ ଦକ୍ଷିଣ ଭାରତୀୟଙ୍କ ବଡ଼ ପର୍ବ ପୋଙ୍ଗଲ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଭୋଗି ଉତ୍ସବ ହୋଇଛି। ତେଲୁଗୁ ସଂପ୍ରଦାୟର ଲୋକେ କାଠ ଗଣ୍ଡିରେ ଅଗ୍ନି ସଂଯୋଗ କରି ମନରେ ଥିବା ରାକ୍ଷସ ରୁପି ରାବଣକୁ ବାହାର କରି ନୂତନ ଓ ସୁସ୍ଥ ସମାଜ ଗଠନ ଦିଗରେ ପୂଜାର୍ଚ୍ଚନା କରିଛନ୍ତି। ସେଇ କ୍ରମରେ କୋରାପୁଟ ଜିଲ୍ଲା ଜୟପୁର ସହରରେ ବେଶ ଧୁମ୍‌ଧାମରେ ଭୋଗି ଉତ୍ସବ ପାଳିତ ହୋଇଛି। ବିଶେଷ କରି ତେଲୁଗୁ ସଂପ୍ରଦାୟର ପର୍ବ ହୋଇଥିଲେ ମଧ୍ୟ ଜୟପୁର ସହରର ଶୌରା ସାହିରେ ସର୍ବଧର୍ମ ସମନ୍ୱୟ ଭଳି ସମସ୍ତ ଓଡ଼ିଆଙ୍କ ସମେତ ମୁସଲିମ୍ ଓ ତେଲୁଗୁ ସମ୍ପ୍ରଦାୟ ଲୋକେ ମିଳିତ ଭାବେ ଭୋଗି ପାଳନ କରିଛନ୍ତି। ଭୋଗି ଉତ୍ସବ ଅବସରରେ ସାହିରେ ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଭାଗବତ ଟୁଙ୍ଗିର ପ୍ରାସଙ୍ଗିକତା ଆଲୋଚନା ଚକ୍ର

ଖୋର୍ଦ୍ଧା, ୧୪/୧ (ନି.ପ୍ର): ଆମରି ସତ୍ୟ ବିକାଶ ପରିଷଦ ଆନୁକୁଲ୍ୟରେ ଶ୍ରୀ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ, ହରିପୁର, ଖୋର୍ଦ୍ଧା ଠାରେ ଜବାହରଲାଲ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଭାଗବତ ଟୁଙ୍ଗିର ପ୍ରାସଙ୍ଗିକତା ପ୍ରସଙ୍ଗରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୂଖ୍ୟ ଅତିଥି ଭାବରେ ଯୋଗଦେଇ ବିନାୟକ ରଥ ଭାଗବତ ଟୁଙ୍ଗିରେ କିପରି ଭାଇଚାରା ଭାବ ସୃଷ୍ଟି ହେଉଥିଲା ଏବଂ ସତ୍ୟର ଅନୁସନ୍ଧାନ କରିବା ପାଇଁ ପ୍ରେରଣାପ୍ରଦ ଥିଲା ତାହା ବର୍ଣ୍ଣନା କରିଥିଲେ । ସମ୍ମାନୀତ ଅତିଥି ପଣ୍ଡିତ ରମାକାନ୍ତ ମିଶ୍ର ଭାଗବତ ଟୁଙ୍ଗିର ଇତିହାସ ଓ ତାର ପୁନରୁଦ୍ଧାର ସମ୍ବନ୍ଧରେ ଆଲୋକପାତ କରିଥିଲେ । ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ ଭାଗବତ ଟୁଙ୍ଗିଦ୍ୱାରା ଗ୍ରାମମାନଙ୍କରେ କିପରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଥିଲା, ଭାଗବତ ପାଠ ଦ୍ୱାରା ଆଚରଣ, ଉଚ୍ଚାରଣ କିପରି ମାର୍ଜିତ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । ଆମରି ସତ୍ୟ




ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ଘରେ ଘରେ ନିୟମିତ ଭାଗବତ ପାଠ ଦ୍ୱାରା ସଦାଚାର ଭାବର ପରିପ୍ରକାଶ ହୋଇଥାଏ ସେ ବିଷୟରେ ଆଲୋଚନା କରିଥିଲେ । ସମ୍ପାଦକ ଆଦି ନାରାୟଣ ଖଣ୍ଡୁଆଳ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ପ୍ରମୋଦ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା କବିତା ପାଠ କାର୍ଯ୍ୟକ୍ରମରେ ବାସୁଦେବ ସାହୁ ସଭାପତି କାର୍ଯ୍ୟସମ୍ପାଦନ କରିଥିଲେ ଏବଂ ସଂଯୋଜନାକାର୍ଯ୍ୟକୁ ଅଧ୍ୟାପିକା ସୌଦାମିନୀ ବେହେରା ପରିଚାଳନା କରିଥଲେ । ଉକ୍ତ କାର୍ଯ୍ୟକ୍ରମରେ 'ଶ୍ରୀ ରାମେଶ୍ୱର ପୂଜା କମିଟି'ଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ହରିପୁର ଗ୍ରାମର ପ୍ରଦୀପ ଜେନା, ପୂର୍ଣ୍ଣ ଚନ୍ଦ୍ର ଜେନା, ପ୍ରସନ୍ନ ପଣ୍ଡା, ସରୋଜ ଜେନା, ମଙ୍ଗୁଳି ପରିଡ଼ା, ଦିଲୀପ ଜେନା, ସୌମେନ୍ଦ୍ର ଜେନା, ନାରାୟଣ ପଣ୍ଡା, ପତିତପାବନ ଜେନା, ନିଲୁ ଜେନା ପ୍ରଭୃତି ସହଯୋଗ କରିଥିଲେ । ପ୍ରମୋଦ ମହାନ୍ତି, ପଦ୍ମଲୋଚନ ସାହୁ, ଡ.ସୁକାନ୍ତି ମହାପାତ୍ର, ଡ. ରଜନୀ ରଣସିଂହ, ଆରତୀ ସେନ୍, ଜଗନ୍ନାଥ ନାୟକ, ସୁଦର୍ଶନ ମହାପାତ୍ର, ପ୍ରଭୃତି କବିତା ପାଠ କରିଥଲେ । ପରିଶେଷରେ ସୁରେଶ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ବାସୁଦେବପୁର, ୧୪/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ପଞ୍ଚାୟତର ବେତଡା ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହାସମାରୋହ ରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମହାବିଦ୍ୟାଳୟ ର ଅଧକ୍ଷ ଚିତ୍ତ ରଂଜନ ପଣ୍ଡା ସଭାପତିତ୍ୱ କରିଥିଲେ । ବିଶିଷ୍ଟ ନାଟ୍ୟକାର ପୁରୁଷୋତ୍ତମ ବେହେରା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବ କୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଉତ୍କଳ ମଣି ଗୋପବନ୍ଧୁ ଙ୍କ ଜୀବନ ଦର୍ଶନ, କାବ୍ୟ କବିତା, ଗୋ ମାହାତ୍ମ୍ୟ , ଧର୍ମପଦ, କାରା କବିତା , ସମାଜ ସେବା, ସତ୍ୟବାଦୀ ବନ ବିଦ୍ୟାଳୟର ଆଭିମୁଖ୍ୟକୁ ଖୁବ୍ ସୁନ୍ଦର ଭାବେ ଆଲୋଚନା କରିଥିଲେ ଶ୍ରୀ ବେହେରା । ମୁଖ୍ୟବକ୍ତା ପ୍ରବଚକ ବଂଶୀଧର ପଣ୍ଡା, ଶିକ୍ଷାବିତ୍ ସୁରେନ୍ଦ୍ର ପ୍ରସାଦ ବେଜ, ଶିକ୍ଷାବିତ୍ ପୂର୍ଣ୍ଣ ଚନ୍ଦ୍ର ପରିଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପିତାମ୍ବର ମହାନ୍ତି, ନରସିଂହପୁର ଉ ପ୍ରା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା, ମହାବିଦ୍ୟାଳୟ ର ବରିଷ୍ଠ ଓଡ଼ିଆ ଅଧ୍ୟାପକ ବେଣୁଧର ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଶିଷ୍ଟ ବ୍ୟବସାୟୀ ଓ ସମାଜ ସେବୀ ସୁରେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ସମ୍ପର୍କରେ ଏକ ସ୍ମରଣିକା ସ୍ମୃତିରେ ସ୍ମୃତିରେ ସୁରେନ୍ଦ୍ର ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଅଧ୍ୟାପକ ବ୍ରଜ ମୋହନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପିକା ସ୍ୱର୍ଣ୍ଣ ପ୍ରଭା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଅଧ୍ୟାପିକା ସସ୍ମିତା ଦାସ, ମଞ୍ଜୁଳା ପ୍ରଭା ପଣ୍ଡା, କାନ୍ତା ରାଣୀ ଦାସ, ସୁଷମା ହୋତା ଶିକ୍ଷା କର୍ମଚାରୀ ଜଗବନ୍ଧୁ ପଣ୍ଡା, ଭଗବାନ ଚନ୍ଦ୍ର ଲେଙ୍କା, ନଳିନୀ ପ୍ରଭା ମହାନ୍ତି, ରମାକାନ୍ତ ଶଙ୍ଖୁଆ, ପୂର୍ଣ୍ଣ ଚନ୍ଦ୍ର ମହାନ୍ତି,ଗଜେନ୍ଦ୍ର ତ୍ରିପାଠୀ, ଚନ୍ଦ୍ରକାନ୍ତ ବେହେରା, ଜିତେନ୍ଦ୍ର ମହାନ୍ତି ପ୍ରମୁଖ ଏହି ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ । ଶେଷରେ ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏଥିରେ ମହାବିଦ୍ୟାଳୟର ଛାତ୍ରୀ ପୁଷ୍ପାଞ୍ଜଳି ଧୂପାଳ ଓ ଅନ୍ୟାନ୍ୟ ପିଲାମାନେ ଖୁବ୍ ସୁନ୍ଦର ନୃତ୍ୟ ପ୍ରଦର୍ଶନ କରିଥିଲେ ।

# ମକରରେ କୁକୁଡା ଲଢେଇର ନିଆରା ମଜା



ବଡସାହି , ୧୪/୧ (ନି.ପ୍ର): ଓଡିଆ ସଂସ୍କୃତିରେ ବାର ମାସରେ ତେର ପର୍ବ ମାତ୍ର ନିଆରା ମକର ପର୍ବ। ଆଜି ମକର ସଂକ୍ରାନ୍ତୀ । ଏହିଦିନ ଦେବୀ ସଂକ୍ରାନ୍ତୀ ଦୈତ୍ୟ ଶଂକରାସୁର ଉପରେ ବିଜୟ ଲାଭ କରିଥିଲେ ଆଉ ଆଜିର ଦିନରେ ମହାଭାରତର ପିତାମହ ଭିଷ୍ମ ସ୍ୱର୍ଗା ରୋହଣ କରିଥିଲେ। ଆଜି ସକାଳ ଠାରୁ ସଂଧ୍ୟା ସଂଧ୍ୟା ପର୍ଯ୍ୟନ୍ତ ସମୟକୁ ପବିତ୍ର ସମୟ ବୋଲି ଧରାଯାଏ। ମୟୂରଭଂଜ ଜିଲ୍ଲା ସହିତ ବଡସାହି ବ୍ଲକର ଆଦିବାସୀଠୁ ଆରଂଭ କରି ଅଣ ଆଦିବାସୀ, ଧନିଠୁ ଗରିବ ସମସ୍ତେ ମିଳି ମିଶି ଏହି ପର୍ବକୁ ଯାକଜମକରେ ପାଳନ କରନ୍ତି। ପଲ୍ଲୀବାସୀ ସବୁ କାମ ଧନ୍ଦା ଭୁଲି ମଜା ମଉଜରେ ସମୟ କଟାଇବା ସହ ବନ୍ଧୁ ବାନ୍ଧବଙ୍କ ଘରକୁ ବୁଲିବାକୁ ଯାଆନ୍ତି । ସକାଳେ ଟୁସୁଦେବୀଙ୍କ ମୂର୍ତ୍ତୀକୁ ଧରି ଝିଅମାନେ ଗାଁରେ ଘରଘର ବୁଲି 'ହାମଦେର ଟୁସୁ ଅଭାଗିନୀ....' ଗୀତଗାଇ ପୁରୁଣାସ୍ମୃତିକୁ ରୋମନ୍ଥନ କରନ୍ତି । ମକର ଦିନ ସକାଳେ ଝିଅମାନଙ୍କ ଘରକୁ ଚୁଡା ତିଳଉ ଦିଆଯାଏ ଆଉ ପୁରୋହିତ ଆସି ମକର ଚାଉଳ ଘରେ ଘରେ ବାଂଟନ୍ତି। ଆଜି ଦିନରେ ସୂର୍ଯ୍ୟଙ୍କ ଉତରାୟଣ ଗତି ଆରଂଭ ହେଉଥିବାରୁ ଏହା କୃଷକ ମାନଙ୍କର ନୂଆବର୍ଷ ବୋଲି ଗଣାଯାଏ। କୃଷକ ପରିବାରର ସ୍ତ୍ରୀ ଲୋକ(ମୁରବୀ) ଖଳାରେ ଗହୁଣୀ, କଠା, କୁଲା, ଉଖୁଣିବାଡି, ଅକଣ୍ଡା ଧନବିଡା ଆଦି ପୂଜା କରିବା ପରେ କୃଷକ ବିଲରେ ପ୍ରଥମ ଗାର ଦିଏ ତାକୁ ହାଲପୂର୍ଣ୍ଣା କୁହାଯାଏ। ସେମିତି ଶିକାରୀ ଆଜି ପ୍ରଥମ ଶିକାର କଲେ ତାକୁ ଭେଜାବିନ୍ଧା, ବଇଦ ଆଜି ଧରିତ୍ରୀ ମାତାଙ୍କ ଠାରୁ ଔଷଧ ପାଇଁ ପ୍ରଥମ ଗୁଳ୍ମ, ଡାଳ, ଚେର, ମୂଳ, ପତ୍ର ଆଦି ସଂଗ୍ରହ କଲେ ତାକୁ ପୁନିଲଗା, ବାଦ୍ୟଶିଳ୍ପୀ ଆଜି ପ୍ରଥମ ତାଳ ଶିଖାଇଲେ ତାକୁ ତାଲାଖୁଲା ଓ ଗାଇ ଆଳ ଗାଁରେ କେତେ ଗାଇ, ଗୋରୁ ଚରାଇବ ତାହା ଚିହ୍ନଟ କଲେ ତାକୁ ଚିଡ୍‌ଫଟ୍ ବୋଲି କୁହାଯାଏ। ଆଜି ବର୍ତନୀଆ ମାନଙ୍କର ଦେୟ ପୈଠ କରାଯାଏ। ମକର ଆଗଦିନକୁ ବାହୁଣ୍ଡି କୁହାଯାଏ। ଏହି ଦିନ ପୁରୁଣା ବର୍ଷକୁ ମାଛରେ ବିଦାକରାଯାଏ। ମକର ଦିନ ନୂଆବର୍ଷକୁ ମାଂସ ପିଠାଦେଇ ସ୍ୱାଗତ କରାଯାଏ। ମକର ପରଦିନକୁ ଅଖାଣ କୁହାଯାଏ। ସେଦିନ ଯିଏ ଯେଉଁଠିଥିବ ଘରକୁ ଫେରିବ ନାହିଁ ଖାଲି ଖାଇବ ରହିବ ତେବେ ଆଜି ମକର ଦିନ ସମସ୍ତେ ନୂଆଲୁଗା ପିନ୍ଧି ମକର ମଣ୍ଡା, ମାଂସପିଠା, ମାଂସମୁଢିଖାଇ ଦିନ ତମାମ କୁକୁଡା ଲଢେଇରେ ମାତି ଯାଇଛନ୍ତି। କୁକୁଡା ଲଢେଇ ସଂପର୍କରେ ମଇଦାସ ହେମ୍ବ୍ରମ୍‌ଙ୍କୁ ପଚାରିବାରୁ ସେ କହନ୍ତି ସରକାରଙ୍କ ବାରଣସତ୍ୱେ ମକରରେ କୁକୁଡା ଲଢେଇ ପାଇଁ ୧୧ଟି ସଣ୍ଡା ୨୨ହଜାର ଟଂକାରେ କିଣି ରଖିଥିଲି। ଆଜି ବହୁଣ୍ଡିରେ ଏ ପର୍ଯ୍ୟନ୍ତ ୭ଟି ଲଢେଇ କଲିଣି, ଚାରିଟିର ପାଢୁ ଆଣିଛି ଆଉ ତିନିଟି ହରାଇଛି। ଏମିତି ଆହୁରି ଚାରିଦିନ ଲଢେଇ ଚାଲିବ। ଏହାର ଯେଉଁ ମଜା ଆପଣ ବୁଝି ପାରିବେ ନାହିଁ। ମକରା ମହାନ୍ତ କହନ୍ତି ବର୍ଷସାରା କାମଧଂଧାରେ ବୁଡିରହିଲୁ ଏବେ ମକର ଗୋଟେ ସପ୍ତାହ ଆଉ ଟେନସନ ନାହିଁ। ସଉଦାପତ୍ର ସବୁ ଘରେ ଥୁଆ ହୋଇଛି। କୁକୁଡା ଲଢେଇ, ତାସ, ନାଚ ଗୀତ ଓ ମେଳା ବୁଲାରେ ସମୟ କାଟିବୁ। ସେହିପରି ଅଧ୍ୟାପକ ମାନସିଂ ସରେନ କହନ୍ତି କୁକୁଡା ଲଢେଇ ଆମ ବାପଅଜା ଅମଳରୁ ଲାଗିଆସିଛି ତେଣୁ ଆମ ପିଲାମାନେ ପରଂପରା ଦୃଷ୍ଟିରୁ ତାକୁ କରୁଛନ୍ତି କିଂତୁ ତାହାକରିବା ଠିକ୍ ନୁହେଁ ବୋଲି ମୋର ବ୍ୟକ୍ତଗତ ମତ।

# ଜଗନ୍ନାଥଙ୍କୁ ବାଦ ଦେଇ ଓଡ଼ିଆ ସାହିତ୍ୟ ତିଷ୍ଠି ପାରିବ ନାହିଁ : ଭାଗବତ ପଣ୍ଡା



ଉଦଳା , ୧୪/୧ (ନି.ପ୍ର): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ଚାଲିଥିବା 'ନୂଆ - ଓ' କାର୍ଯ୍ୟକ୍ରମ ଆଧାରରେ ହେବାକୁ ଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବକୁ ସଫଳ କରିବା ପାଇଁ ବର୍ତମାନ ବିଭିନ୍ନ ମହାବିଦ୍ୟାଳୟ ମାନଙ୍କରେ ଓଡ଼ିଆ ପ୍ରବନ୍ଧ ଲିଖନ, ବକ୍ତୃତା, ସଂଗୀତ, କୁଇଜ, ଲୋକନୃତ୍ୟ, ଗଳ୍ପକଥନ, କବିତା ଆବୃତି, ହସ୍ତାକ୍ଷର ଇତ୍ୟାଦି ପ୍ରତିଯୋଗିତା ମାନ ଅନୁଷ୍ଠିତ ହେଉଛି । କପ୍ତିପଦା ବ୍ଲକ ଅନ୍ତର୍ଗତ ନୂଆସାହିସ୍ଥିତ କପ୍ତିପଦା କନିଷ୍ଠ ମହାବିଦ୍ୟାଳୟ ଓ ଖୁଂଟା ବ୍ଲକ ଅନ୍ତର୍ଗତ ଧାନଘେରା ସ୍ଥିତ କନିଷ୍ଠ ମହାବିଦ୍ୟାଳୟରେ ଏହାର ଉଦ୍‌ଘାଟନ ଉତ୍ସବ ଇତି ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଅଧକ୍ଷ ଡ଼. ଚନ୍ଦ୍ର କୁମାର ପଟ୍ଟନାୟକ ଓ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା ଯଥାକ୍ରମେ କପ୍ତିପଦା କନିଷ୍ଠ ମହାବିଦ୍ୟାଳୟ ଓ ଧାନଘେରା କନିଷ୍ଠ ମହାବିଦ୍ୟାଳୟରେ ଉଦ୍‌ଘାଟନ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । କପ୍ତିପଦା କନିଷ୍ଠ ମହାବିଦ୍ୟାଳୟରେ ଜଗନ୍ନାଥ ସଂସ୍କୃତିର ଗବେଷକ ଭାଗବତ ପଣ୍ଡା ଓ ଜଗନ୍ନାଥ ସଂସ୍କୃତି ପ୍ରଚାର କମିଟିର ସଦସ୍ୟ ରମଣି ରଂଜନ ନାୟକ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଜଗନ୍ନାଥଙ୍କୁ ବାଦ ଦେଇ ଓଡ଼ିଆ ସାହିତ୍ୟ କିପରି ତିଷ୍ଠି ପାରିବ ନାହିଁ ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ ।

# ଗାଧୋଇବାକୁ ଯାଇ ପାଣିରେ ବୁଡି ଯୁବକଙ୍କ ମୃତ

ନୀଳଗିରି, ୧୪/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧିନ ତେଲିପାଳ ପଞ୍ଚାୟତ ଗୋହିରା ଗ୍ରାମର ବାବୁଲା ପ୍ରଧାନଙ୍କ ପୁଅ ଜିତୁ ପ୍ରଧାନ (୨୧) ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ନିଜର ଜୀବନ ହରାଇଛନ୍ତି। ସୂଚନା ମୁତାବକ ଜିତୁ ଅପରାହ୍ନ ପ୍ରାୟ ୧.୪୦ ସମୟରେ ନିକଟସ୍ଥ ରାଇପାଳ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ହଠାତ ତାଙ୍କ ଗୋଡ ଖସି ଯିବାରୁ ସେ ଗଭୀର ପାଣିରେ ବୁଡି ଯାଇଥିଲେ। ପୋଖରୀ ତୁଠରେ ଥିବା ଲୋକମାନେ ତାଙ୍କୁ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ନେଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ନୀଳଗିରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରିଥିବା ବେଳେ ଆସନ୍ତା କାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ଯୁବକଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo